ମାଧ୍ୟମିକ ବିଜ୍ଞାନ

TESS India

# ପ୍ରଶ୍ନ ପ୍ରସ୍ତୁତି: ଆମେ ରୋଗରେ ପଡୁ କାହିଁକି ?

# Questioning: why do we fall ill?





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

The Open University

UKaid from the British people

cc BY SA
http://creativecommons.org/licenses/

*ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।*

*ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।*

## *ଭିଡ଼ିଓ ସମ୍ବଳ ସମୂହ*

*ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ୍ ମାଧ୍ୟମରେ ବ୍ୟବହାର କରି ପାରିବେ ।*

*ଓଡ଼ିଆ ସଂକଳନ- 1.0 ମାଧ୍ୟମିକ ବିଜ୍ଞାନ 07 ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡିଶା Odisha*

*ଏହି ସଂକଳନଟି ଟେସ୍‌ଇଣ୍ଡିଆର 'ମୁକ୍ତ ଶିକ୍ଷା ସମ୍ବଳ'ର ମାଧ୍ୟମିକ ବିଜ୍ଞାନ ସଂକଳନର ଏକ ଭାଗ ଅଟେ । ମୂଳ ଇଂରାଜୀ ଲେଖାକୁ ଶ୍ରୀମତୀ ଚନ୍ଦ୍ରିକା ନାଏକ ଓଡ଼ିଆ ଭାଷାନ୍ତର କରିଥିବା ବେଳେ ଡ଼କ୍ଟର ପ୍ରୀତିଲତା ଜେନା ସମୀକ୍ଷା କରିଛନ୍ତି । ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟପକ୍ଷ ସାଧନ ବ୍ୟତିତ ଅନ୍ୟ ସମସ୍ତ ସମ୍ବଳ/ଲେଖ http://creativecommons.org/licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ ।*

*TESS-India is led by The Open University UK and funded by UK aid from the UK government*

## ଏହି ଏକକରେ କ'ଣ ଅଛି

ଭଲ ପ୍ରଶ୍ନ ପଚାରିବା, ଶିକ୍ଷାର୍ଥୀମାନଙ୍କ ଉତ୍ତରର ପ୍ରତିକ୍ରିୟା ପ୍ରକାଶ କରିବା ଓ ଶିକ୍ଷାର୍ଥୀମାନଙ୍କୁ ଅଧିକରୁ ଅଧିକ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରିବା ଏହି ଏକକର ଉଦ୍ଦେଶ୍ୟ।

ଶିକ୍ଷକମାନେ ଶ୍ରେଣୀରେ ପ୍ରଶ୍ନ ପଚାରିବା ପାଇଁ ଶତକଡ଼ା 35 ରୁ 50 ସମୟ ବିନିଯୋଗ କରିଥାନ୍ତି, ଭଲ ପ୍ରଶ୍ନ ପଚାରିବା ଦ୍ୱାରା ଏହା ଶିକ୍ଷାର୍ଥୀଙ୍କର ଶିକ୍ଷଣ ଅଭିବୃଦ୍ଧିରେ ସହାୟକ ହୋଇଥାଏ । ମୁଖ୍ୟ ଧାରଣାଗୁଡିକ ଆଡକୁ ସେମାନଙ୍କର ଧ୍ୟାନ ଯାଇପାରେ ଏବଂ ଏହା ଶିକ୍ଷାର୍ଥୀମାନଙ୍କର ବୋଧଗମ୍ୟତା ଉନ୍ନତି ପାଇଁ ସହାୟକ ହୋଇପାରେ। ଆପଣଙ୍କ ଶିକ୍ଷାର୍ଥୀମାନେ କୌଣସି ଏକ ପ୍ରସଙ୍ଗ ବିଷୟରେ କ'ଣ ଜାଣିଛନ୍ତି ଓ ବୁଝିଛନ୍ତି ତାହା ଜାଣିବା ପାଇଁ ମଧ୍ୟ ଏହା ଆପଣଙ୍କୁ ସାହାଯ୍ୟ କରିବ ଓ ଆବଶ୍ୟକ ସ୍ଥଳେ ଆପଣଙ୍କୁ ଆପଣଙ୍କର ପନ୍ଥା ପରିବର୍ତ୍ତନ ପାଇଁ ସହାୟକ ହେବ। ବେଳେବେଳେ, ଉତ୍ତମ ପ୍ରଶ୍ନ ପ୍ରସ୍ତୁତ କରିବା ଶିକ୍ଷକମାନଙ୍କ ପାଇଁ କଷ୍ଟକର ହୋଇଥାଏ । ଉତ୍ତମ ପ୍ରଶ୍ନ ପ୍ରସ୍ତୁତି ସମୟରେ ବିଭିନ୍ନ ପ୍ରକାରର ପ୍ରଶ୍ନଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ ଓ ବିଭିନ୍ନ ଭାବରେ ପ୍ରଶ୍ନ ପଚରା ଯାଇପାରେ । ଶିକ୍ଷାର୍ଥୀମାନଙ୍କର ଚିନ୍ତା ଓ ଶିକ୍ଷଣକୁ ସହାୟତା କରିବା ପାଇଁ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିବାକୁ ସୁନିଶ୍ଚିତ କରିବା ପାଇଁ ଯତ୍ନର ସହ ଯୋଜନା ପ୍ରସ୍ତୁତି କରିବାର ଆବଶ୍ୟକତା ଅଛି । ଆପଣଙ୍କର ପ୍ରଶ୍ନ କେତେଦୂର ଫଳପ୍ରଦ, ଯାହା ଶିକ୍ଷଣରେ ସହାୟକ ହେବ ତାହା ଶିକ୍ଷାର୍ଥୀମାନଙ୍କର ଉତ୍ତର ଆଧାରରେ ଆପଣଙ୍କର ପ୍ରତିକ୍ରିୟା ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ଆପଣ ଜାଣି ପାରିବେ ଯେ ଉତ୍ତମ ପ୍ରଶ୍ନ ପାଇଁ ଚିନ୍ତନ କୌଣସି ପ୍ରସଙ୍ଗକୁ ନିଜେ ଭଲରେ ବୁଝିବା ପାଇଁ ସହାୟକ ହୋଇଥାଏ । ଏହି କଥା ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ପାଇଁ ମଧ୍ୟ ପ୍ରଜୁର୍ଯ୍ୟା । ତେଣୁ ଶିକ୍ଷାର୍ଥୀମାନେ ଯେପରି ଦୃଢ଼ ବିଶ୍ୱାସର ସହ ନିଜେ ନିଜେ ପ୍ରଶ୍ନ ପଚାରି ପାରିବେ ସେହିଭଳି ପରିବେଶ ସୃଷ୍ଟି କରିପାରିଲେ ଆପଣ ଜଣେ ଉତ୍ତମ ଶିକ୍ଷକ ହୋଇପାରିବେ।

ନବମ ଶ୍ରେଣୀର ପ୍ରସଙ୍ଗ "ରୋଗ ଓ ଏହାର ନିରାକରଣ" ମାଧ୍ୟମରେ ଏହି ଏକକରେ ଥିବା ଧାରଣା ଗୁଡିକର ଦୃଷ୍ଟାନ୍ତ ଦିଆଯାଇଛି। ଏହି ଧାରଣାଗୁଡିକ ବିଜ୍ଞାନର ଅନ୍ୟ ବିଷୟ ପଢାଇବା ସମୟରେ ମଧ୍ୟ ପ୍ରୟୋଗ କରାଯାଇପାରିବ।

## ଏହି ଏକକରୁ କ'ଣ ଶିଖିବେ

- ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିବାର ଆବଶ୍ୟକତା ଓ ବିଭିନ୍ନ ପ୍ରକାରର ପ୍ରଶ୍ନ କିପରି ପ୍ରସ୍ତୁତ କରିବେ ।
- ଆପଣଙ୍କ ଶ୍ରେଣୀରେ ପ୍ରଶ୍ନ ପଚାରିବାର କେତେକ ନୂତନ ଉପାୟ।
- ପ୍ରଶ୍ନ ପଚାରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ କିପରି ଉତ୍ସାହିତ କରିବେ ।

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ଶିକ୍ଷାର୍ଥୀମାନେ କେତେ ଜାଣିଛନ୍ତି ଓ ବୁଝିଛନ୍ତି ଜାଣିବା ପାଇଁ ପ୍ରଶ୍ନ ପଚାରିବା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ଶିକ୍ଷକମାନେ ଅନ୍ୟାନ୍ୟ କାରଣରୁ ମଧ୍ୟ ପ୍ରଶ୍ନ ପଚାରିଥାଆନ୍ତି ଯଥା–

- ଶିକ୍ଷାର୍ଥୀମାନଙ୍କର ପୂର୍ବଜ୍ଞାନ ଓ ବୋଧଗମ୍ୟତା ଯାଞ୍ଚ କରିବା
- ଶିକ୍ଷାର୍ଥୀମାନଙ୍କୁ ବାସ୍ତବ ଓ ତଥ୍ୟ ଭିତ୍ତିକ ଚିନ୍ତନରୁ ବିଶ୍ଳେଷଣାତ୍ମକ ଚିନ୍ତନ ଆଡକୁ ଆଗେଇ ନେବା ପାଇଁ।
- ଶିକ୍ଷାର୍ଥୀମାନଙ୍କୁ ପୂର୍ବଜ୍ଞାନ ମନେପକାଇ ନୂତନ ବୋଧଗମ୍ୟତା ପାଇଁ ବର୍ତ୍ତମାନର ଜ୍ଞାନ ସହ ସଂଯୁକ୍ତ କରିବାରେ ସାହାଯ୍ୟ କରିବା ।
- ଉପଯୁକ୍ତ ଯୋଜନା ମାଧ୍ୟମରେ ମୁଖ୍ୟ ଧାରଣାଗୁଡିକୁ ସଂପର୍କିତ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ କ୍ରମାନୁସାରେ ଆଗେଇବାରେ ସାହାଯ୍ୟ କରିବା।
- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା, ଚିନ୍ତା କରିବା ଓ ବୁଝିବା ପାଇଁ ଉତ୍ସାହିତ କରିବା।

- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଯୁକ୍ତି ପ୍ରଦର୍ଶନ, ସମସ୍ୟା ସମାଧାନ, ମୂଲ୍ୟାୟନ ଓ ଅନୁକଳ୍ପନା (hypothesis) ଗଠନ କରିବାର ଦକ୍ଷତା ବୃଦ୍ଧି କରିବା।
- ସେମାନେ କିପରି ଶିଖିବେ ତା ପାଇଁ ଆତ୍ମ ସଚେତନତା ବୃଦ୍ଧି କରିବା।

ପ୍ରଶ୍ନ ପଚାରିବାକୁ ଶ୍ରେଣୀ ପରିଚାଳନାର ଏକ ସାଧନ ରୂପେ ବ୍ୟବହାର କରାଯାଇପାରେ । ଯେଉଁ ଶିକ୍ଷାର୍ଥୀମାନେ ଅନ୍ୟ ମନସ୍କ ରହୁଥିବେ ପ୍ରଶ୍ନ ପଚାରି ତାଙ୍କ ଧ୍ୟାନ ପାଠପଢ଼ା ଆଡକୁ ଅଣାଯାଇପାରେ। ଶିକ୍ଷାର୍ଥୀମାନଙ୍କର ଆତ୍ମପ୍ରତ୍ୟୟ ଓ ଆତ୍ମସମ୍ମାନ ବୃଦ୍ଧି କରିବା ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରେ।

ଅନୁଧ୍ୟାନରୁ ଜଣା ପଡିଛି ଯେ ଶିକ୍ଷାଦାନ ପଦ୍ଧତିର ଦୁଇଟି ମୁଖ୍ୟ ଦିଗ ହେଉଛି ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀଙ୍କ ମଧ୍ୟରେ ପାରସ୍ପରିକ ଶିକ୍ଷଣ ପାଇଁ ଓ ପ୍ରତିପୁଷ୍ଟି ଦେବା ପାଇଁ ସୁଯୋଗ ଦେବା।

ପ୍ରଶ୍ନ ପଚାରିବା ଦ୍ୱାରା ଆପଣ ଶିକ୍ଷାର୍ଥୀମାନଙ୍କୁ ତାଙ୍କ ଅଭିବୃଦ୍ଧି ନିମନ୍ତେ ପ୍ରତିପୁଷ୍ଟି ଦେବା ସହ ପ୍ରତ୍ୟେକ ଶିକ୍ଷାର୍ଥୀ ପ୍ରତ୍ୟେକଙ୍କ ଶିକ୍ଷଣର ଅଭିବୃଦ୍ଧି ପାଇଁ ମତାତମ ଦେବା ପାଇଁ ସୁଯୋଗ ସୃଷ୍ଟି ହୋଇଥାଏ, ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛ ସମସ୍ତ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ସକ୍ରିୟ ଭାବରେ ଶିକ୍ଷଣରେ ଅଶଂଗ୍ରହଣ କରାଇବା ପାଇଁ ପ୍ରଶ୍ନ ପଚାରିବା ମାଧ୍ୟମକୁ ବ୍ୟବହାର କରାଯାଇପାରେ।

ସମସ୍ତ ଶ୍ରେଣୀର ଶିକ୍ଷାର୍ଥୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ଶିକ୍ଷକମାନେ ନିମ୍ନଲିଖିତ ଦିଗପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି-(Petty 2009)

- ଆହ୍ୱାନମୂଳକ ଓ ଆଗ୍ରହ ଉଦ୍ଦୀପକ ପ୍ରଶ୍ନ ପଚାରିବା।
- ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରିବା ପଇଁ ଆବଶ୍ୟକ ସ୍ଥଳେ ଶିକ୍ଷାର୍ଥୀମାନଙ୍କୁ ନିର୍ବାଚିତ କରି ପ୍ରଶ୍ନ ପଚାରିବେ ।
- ଠିକ୍ ଉତ୍ତର ଦୁର୍ବଳ ହେଲେ ମଧ୍ୟ ସମସ୍ତ ଶିକ୍ଷାର୍ଥୀଙ୍କ ଉତ୍ତରକୁ ସମ୍ମାନ ଦେବା ।
- ଶିକ୍ଷାର୍ଥୀମାନଙ୍କୁ ତାଙ୍କ ଚିନ୍ତନକୁ ବର୍ଣ୍ଣନା କରିବା ପାଇଁ କହିବା।
- ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ପରସ୍ପରର ଉତ୍ତର ଉପରେ ମତାମତ ରଖିବା ପାଇଁ ଆମନ୍ତ୍ରଣ କରିବା ।

ଫଳପ୍ରଦ ପ୍ରଶ୍ନ ପଚାରିବାର ମୂଳମନ୍ତ୍ର ହେଲା- ପ୍ରଶ୍ନ ଦ୍ୱାରା କେଉଁ ଉଦ୍ଦେଶ୍ୟ ହାସଲ ପାଇଁ ଚେଷ୍ଟା କରୁଛନ୍ତି ତାକୁ ଚିନ୍ତା କରିବା; ନିଜ ପ୍ରଶ୍ନଗୁଡିକ ପାଇଁ ଯୋଜନା ପ୍ରସ୍ତୁତ କରିବା ଏବଂ ଶିକ୍ଷାର୍ଥୀମାନଙ୍କର ଉତ୍ତରକୁ ଧ୍ୟାନର ସହ ଶୁଣିବା। ସମ୍ବଳ ୧ରେ ପ୍ରଶ୍ନର ଫଳପ୍ରଦ ବ୍ୟବହାର ବିଷୟରେ ଧାରଣା ଦିଆଯାଇଛି ।

ଭିଡ଼ିଓ : ଚିନ୍ତନର ଅଭିବୃଦ୍ଧି ପାଇଁ ପ୍ରଶ୍ନର ବ୍ୟବହାର।

## 1 ବିଭିନ୍ନ ପ୍ରକାର ପ୍ରଶ୍ନ ବିଷୟରେ ଚିନ୍ତା କରିବା

ବିଭିନ୍ନ ଉପାୟରେ ପ୍ରଶ୍ନଗୁଡ଼ିକୁ ଶ୍ରେଣୀଭୁକ୍ତ କରାଯାଇପାରେ। ପ୍ରଶ୍ନକୁ ଶ୍ରେଣୀ ବିଭାଗ କରିବାର ସବୁଠାରୁ ସୁବିଧା ଉପାୟ ହେଲା- ମୁକ୍ତ ପ୍ରଶ୍ନ ଓ ଆବଦ୍ଧ ପ୍ରଶ୍ନ (open and closed questions)। ଏହି ଦୁଇ ପ୍ରକାର ପ୍ରଶ୍ନ ମଧ୍ୟରେ ପାର୍ଥକ୍ୟ ଚିତ୍ର-୧ରେ ଦିଆଯାଇଛି।

**ମୁକ୍ତ ଉତ୍ତର ମୂଳକ ପ୍ରଶ୍ନ**

- ଉଚ୍ଚ ସ୍ତରର ଉତ୍ତର ଆଦାୟ କରିବାକୁ ବ୍ୟବହାର କରାଯାଏ।
- ଶିକ୍ଷାର୍ଥୀମାନେ ଉତ୍ତରକୁ ନିଶ୍ଚୟ ଦୀର୍ଘ ଭାବରେ କହିବେ।
- ଏକାଧିକ ଉପାୟରେ ପ୍ରଶ୍ନର ଉତ୍ତର ଦିଆଯାଇପାରେ ।

**ଉଦାହରଣ –**

- ବଲବ୍‌ର ଉଜ୍ଜ୍ୱଳତାକୁ କ'ଣ ପ୍ରଭାବିତ କରୁଥାଇପାରେ ବୋଲି ତୁମେ ଭାବୁଛ ?
- ଅମ୍ଳ ଓ କ୍ଷାରକ କେଉଁ ଦୃଷ୍ଟିରୁ ସମାନ ?
- ନିଉଟନ୍‌ଙ୍କ ନିୟମଗୁଡିକ ମଧ୍ୟରୁ କେଉଁଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ**

- ଗୋଟିଏ ସ୍ପଷ୍ଟ ଉତ୍ତର ଥାଏ।
- ବୋଧଗମ୍ୟତା ଯାଞ୍ଚ କରିବା ପାଇଁ ବ୍ୟବହାର କରାଯାଏ।
- ସ୍ମରଣ ଶକ୍ତିର ପରୀକ୍ଷା କରିବା ପାଇଁ ବ୍ୟବହାର କରାଯାଏ।
- ସଂକ୍ଷିପ୍ତ ଉତ୍ତର ଆଧାରିତ ହୋଇଥାଏ ।

**ଉଦାହରଣ**

- ବଳ ମାପିବାକୁ ଆମେ କେଉଁ ଏକକ ବ୍ୟବହାର କରୁ ?
- ଲବଣାମ୍ଳର $P^H$ କେତେ ?
- କେଉଁଟି ଗୋଟିଏ ଆଚ୍ଛାଦିତ କୋଷ ?

**ଚିତ୍ର 1 :** ମୁକ୍ତ ଉତ୍ତର ମୂଳକ ଓ ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ ମଧ୍ୟରେ ପାର୍ଥକ୍ୟ

ଅଧିକ ଆବଦ୍ଧ ପ୍ରଶ୍ନ ପଚାରିବା ଶିକ୍ଷକମାନଙ୍କର ଗୋଟିଏ ଅଭ୍ୟାସ ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ଚିନ୍ତା, କରିବା ଦରକାର ହୁଏନି। ମୁକ୍ତ ପ୍ରଶ୍ନ ଶିକ୍ଷାର୍ଥୀମାନେ ମନେରଖି ଉତ୍ତର ଦେବା ଅପେକ୍ଷା ଅଧିକ ଜଟିଳ ଚିନ୍ତା, ଯଥା-ସାରାଂଶ ନିର୍ଣ୍ଣୟ କରିବା କହିବା, ତୁଳନା କରିବା, ପାର୍ଥକ୍ୟ ଦର୍ଶାଇବା, ବର୍ଣ୍ଣନା କରିବା, ବିଶ୍ଳେଷଣ କରିବା ଓ ମୂଲ୍ୟାୟନ କରିବା, ଦକ୍ଷତାର ବିକାଶ ପାଇଁ ସାହଯ୍ୟ କରିଥାଏ।

ଏପରିକି ଗୋଟିଏ ଆବଦ୍ଧ କ ପ୍ରଶ୍ନକୁ ଅଧିକ ଆହ୍ୱାନ ମୂଳକ ମୁକ୍ତ ପ୍ରଶ୍ନରେ ପରିବର୍ତ୍ତନ କରାଯାଇପାରେ। ଉଦାହରଣ ସ୍ୱରୂପ- "ଲବଣାମ୍ଳର $P^H$ କେତେ ?" ଏହି ପ୍ରଶ୍ନକୁ "ଆମେ କିପରି $P^H$ ଜଣିବା ? ବା " ତାହା ଲବଣାମ୍ଳ ବିଷୟରେ ଆମକୁ କ'ଣ ଜଣାଉଛି ?" ବୋଲି ପଚାରିପାରିବା।

## ଶିକ୍ଷଣକାର୍ଯ୍ୟ-1: ଉତ୍ତମ ପ୍ରଶ୍ନ ପ୍ରସ୍ତୁତ କରିବା

ଏହି କାର୍ଯ୍ୟକୁ ଆପଣ ଆପଣଙ୍କ ଯୋଜନାରେ ଅନ୍ତର୍ଭୁକ୍ତ କରିବେ। ଆପଣ ଏହି କାର୍ଯ୍ୟକୁ ଆପଣଙ୍କ ସହକର୍ମୀଙ୍କ ସହ କଲେ ଆପଣଙ୍କୁ ସୁବିଧା ହେବ।

ଦକ୍ଷ ଶିକ୍ଷକ ଭଲ ପ୍ରଶ୍ନ ପଚାରନ୍ତି । ଆପଣ ଜଣେ ଦକ୍ଷ ଶିକ୍ଷକ ହେବାକୁ ହେଲେ ଆପଣଙ୍କୁ ଏହା ଅଭ୍ୟାସ କରିବାକୁ ପଡିବ। 'ରୋଗ ଓ ଏହାର ନିରାକରଣ' ପ୍ରସଙ୍ଗଟି ପଢାଇବା ପୂର୍ବରୁ ଶିକ୍ଷାର୍ଥୀଙ୍କର ଏ ସମ୍ବନ୍ଧରେ ପୂର୍ବଜ୍ଞାନ କ'ଣ ଅଛି ଜାଣିବାକୁ କେତେକ ପ୍ରଶ୍ନ ପଚାରିବା ପାଇଁ ଆପଣ ଯୋଜନାଟିଏ କରନ୍ତୁ। ଯଦି ଶିକ୍ଷାର୍ଥୀମାନେ କେତେକ ମୁଖ୍ୟ ଶବ୍ଦ ଯଥା – ଭୂତାଣୁ, ସଂକ୍ରମଣ ଇତ୍ୟାଦି ବୁଝୁଛନ୍ତି ତେବେ ଆପଣ ସେହି ଶବ୍ଦଗୁଡ଼ିକୁ ସଂପର୍କିତ କରି କେତେକ ଆବଦ୍ଧ ପ୍ରଶ୍ନ ପଚାରିବାର ଆବଶ୍ୟକତା ଅଛି । ରୋଗ କିପରି ବ୍ୟାପେ ଓ ଏହାର ପ୍ରତିକାର କିପରି କରାଯାଇପାରେ ଏ ବିଷୟରେ ଶିକ୍ଷାର୍ଥୀମାନେ କେତେ ଜାଣିଛନ୍ତି ଜାଣିବା ପାଇଁ ଆପଣଙ୍କୁ

କେତେକ ମୁକ୍ତ ପ୍ରଶ୍ନ, ଯାହାକି ଦୀର୍ଘ ଉତ୍ତରମୂଳକ ହୋଇପାରେ ପଚାରିବା ଆବଶ୍ୟକ ହେବ । ଆପଣ ଯେତେବେଳେ ପ୍ରଶ୍ନର ଯୋଜନା କରିବେ ଆପଣ କିପରି ପ୍ରଶ୍ନ ପଚାରିବେ ଜାଣିବା ପାଇଁ ସମ୍ବଳ- ୨ ବ୍ୟବହାର କରନ୍ତୁ।

## 2 ପ୍ରଶ୍ନ ପଚାରିବାର କୌଶଳ

ସମଗ୍ର ଶ୍ରେଣୀକୁ ପ୍ରଶ୍ନ ପଚାରିବା ସବୁ ଶିକ୍ଷକଙ୍କ ପାଇଁ ଗୋଟିଏ ମୁଖ୍ୟ କୌଶଳ / ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ଯେପରି ପ୍ରଶ୍ନର ଉତ୍ତର ଦେବେ ତା'ପାଇଁ ଗୋଟିଏ ବାଟ ହେଉଛି ସମଗ୍ର ଶ୍ରେଣୀକୁ ଗୋଟିଏ ପ୍ରଶ୍ନ ପଚାରିବା। ଏହା ହେଉଛି ଗୋଟିଏ ସକ୍ରିୟ ଶିକ୍ଷଣ କୌଶଳ।

### ଶିକ୍ଷଣକାର୍ଯ୍ୟ-2 : ବୀଜାଣୁ ଓ ଭୂତାଣୁ ମଧ୍ୟରେ ପାର୍ଥକ୍ୟ ପଢ଼ାଇବା ପାଇଁ ଗୋଟିଏ ନୂତନ ପ୍ରଶ୍ନ ପଚାରିବା କୌଶଳ  ଅଭ୍ୟାସ କରାଇବା।

କଳାପଟାରେ ପ୍ରଶ୍ନଟିଏ ଲେଖି ଦିଅନ୍ତୁ- ବୀଜାଣୁ ଓ ଭୂତାଣୁ ମଧ୍ୟରେ କି କି ପାର୍ଥକ୍ୟ ଅଛି ? (ଯଦି ଆପଣ ସେହି ପାଠଟିକୁ ପଢାଇ ସରିଥିବେ, ତେବେ ଉପରୋକ୍ତ ପ୍ରଶ୍ନ ବଦଳରେ ଆପଣ ଅନ୍ୟ ପ୍ରଶ୍ନ ଲେଖିପାରିନ୍ତି)।

ସମସ୍ତ ଶିକ୍ଷାର୍ଥୀଙ୍କୁ ଛୋଟ ଛୋଟ ଦଳରେ ଭାଗ କରିବେ ଯେପରି ପ୍ରତି ଦଳରେ 4-6 ଜଣ ପିଲା ରହିବେ। ପ୍ରତି ଦଳରେ ବସି ଶିକ୍ଷାର୍ଥୀମାନେ ପରସ୍ପର ସହ ଆଲୋଚନା କରି 5 ମିନିଟ୍ ସମୟ ମଧ୍ୟରେ ଏ ପ୍ରଶ୍ନର ଉତ୍ତର ଲେଖିବାକୁ କୁହନ୍ତୁ। ଆପଣ ସେମାନଙ୍କୁ ବହି ଦେଖି ଉତ୍ତର ବାହାର କରିବାକୁ କହିପାରନ୍ତି। ସେମାନେ ଯେତେବେଳେ କାମ କରୁଥିବେ ଆପଣ ସବୁ ଦଳର କାମକୁ ବୁଲିବୁଲି ଦେଖନ୍ତୁ ଓ ପ୍ରତିଦଳରୁ ଜଣେଜଣେ ଶିକ୍ଷାର୍ଥୀଙ୍କୁ ଦଳ ତରଫରୁ ଉତ୍ତର ପ୍ରଦାନ କରିବା ପାଇଁ ବାଛନ୍ତୁ।

ଦଳ ଅନୁଯାୟୀ ଆପଣ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ପାଇଁ କିଛି ସହାୟକ ସୂଚନା ପ୍ରଶ୍ନ ପଚାରି ସେମାନଙ୍କ କାମକୁ ଆଗେଇବା ପାଇଁ ସାହାଯ୍ୟ କରିପାରନ୍ତି। ଉଦାହରଣ ସ୍ୱରୂପ: ବୀଜାଣୁ ଦ୍ୱାରା କେଉଁ କେଉଁ ରୋଗ ହୁଏ ? ଭୂତାଣୁମାନେ ଶରୀରର କେଉଁ ଠାରେ ରୁହନ୍ତି ?

ଶିକ୍ଷାର୍ଥୀମାନେ ଅଧିକ ସମୟ ଦରକାର କରୁଛନ୍ତି କି ବୋଲି 5 ମିନିଟ୍ ପରେ ପଚାରନ୍ତୁ । ଯଦି ଦଳରେ ଆଲୋଚନା ଚାଲିଛି ତେବେ ସେମାନଙ୍କୁ  ଆଉ ଦୁଇ ମିନିଟ୍ ସମୟ ଦିଅନ୍ତୁ ।

ଶିକ୍ଷାର୍ଥୀମାନେ ଏହି ପ୍ରଶ୍ନର ଉତ୍ତରରେ ବୀଜାଣୁ ଓ ଭୂତାଣୁ ଭିନ୍ନ ଭିନ୍ନ ବଂଶର ଅନ୍ତର୍ଭୁକ୍ତ, ସେମାନଙ୍କ କାର୍ଯ୍ୟଧାରା ଭିନ୍ନ ଭିନ୍ନ ଓ ସେମାନେ ଭିନ୍ନ ଭିନ୍ନ ରୋଗ ସୃଷ୍ଟି କରନ୍ତି ବୋଲି ଯେପରି ବୁଝିପାରିବେ।

ବର୍ତ୍ତମାନ ପ୍ରତ୍ୟେକ ଦଳ ଏବଂ ତାଙ୍କର ଧାରଣାଗୁଡ଼ିକ ବିଷୟ ପଚାରନ୍ତୁ । କେବଳ ସେହି ପ୍ରଶ୍ନର ଉତ୍ତର ଦେବାକୁ ନକହି ଅଧିକରୁ ଅଧିକ ପ୍ରଶ୍ନ ପଚାରନ୍ତୁ ଯାହା ଫଳରେ ତାଙ୍କର ବୋଧଗମ୍ୟତା ଆପଣ ଜାଣିପାରିବେ।

ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ପ୍ରଶ୍ନ ପଚାରନ୍ତୁ । ଯଦି ଦଳର ମନୋନିତ ଶିକ୍ଷାର୍ଥୀ କହି ନପାରିଲେ ଦଳର ଅନ୍ୟ ସଦସ୍ୟମାନେ ତାଙ୍କୁ ସାହଯ୍ୟ କରିବା ପାଇଁ ସୁଯୋଗ ଦିଅନ୍ତୁ।

ନିମ୍ନରେ କେତେକ ପ୍ରସ୍ତାବିତ ପ୍ରଶ୍ନ ଦିଆଯାଇଛି-

- ବୀଜାଣୁ ଓ ଭୂତାଣୁ ମାନେ ଆମ ଶରୀର ଉପରେ କ'ଣ ପ୍ରଭାବ ପକାନ୍ତି ?
- ବୀଜାଣୁ ଦ୍ୱାରା କେଉଁ କେଉଁ ରୋଗ ହୁଏ ?

- ଭୂତାଣୁ ଦ୍ୱାରା ହେଉଥିବା ସାଧାରଣ ରୋଗ ଗୁଡିକ କ'ଣ କ'ଣ ?
- ବୀଜାଣୁମାନେ କିପରି ବଂଶ ବୃଦ୍ଧି କରନ୍ତି ?
- ଆଣ୍ଟିବାୟୋଟିକ୍ କିପରି କାର୍ଯ୍ୟ କରେ ?

ଯଦି କୌଣସି ଦଳ ଠିକ୍‌ରେ ଉତ୍ତର ଦେଇ ନପାରିଲେ ବା ଉତ୍ତରଟି ବିସ୍ତୃତ ଭାବରେ ଦେଇ ନାହାନ୍ତି ତେବେ ପ୍ରଶ୍ନଟି ଅନ୍ୟ ଦଳକୁ ପଚାରନ୍ତୁ। ସେହି ଉତ୍ତର ସହିତ ତୁମେ ଏକମତ କି ? ତୁମେ ଆଉ କିଛି ଅଧିକ ଯୋଡ଼ିବ କି ?

ସମସ୍ତ ପ୍ରଶ୍ନର ଉତ୍ତରଗୁଡିକୁ ଆପଣ କଳାପଟାରେ ଲେଖନ୍ତୁ ବା କୌଣସି ଶିକ୍ଷାର୍ଥୀଙ୍କୁ ଶ୍ରେଣୀ ତରଫରୁ ଲେଖିବାକୁ କୁହନ୍ତୁ। ଉତ୍ତରଗୁଡିକୁ କିପରି ସଂଗଠିତ କରିବେ ସେ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ କେବଳ ଦଳଗତ ଉପସ୍ଥାପନାର ପଏଣ୍ଟଗୁଡ଼ିକ ଲେଖନ୍ତୁ।

ପ୍ରତିଦଳ ଉପସ୍ଥାପନ କରିସାରିବା ପରେ କଳାପଟାରେ ଥିବା ପ୍ରତ୍ୟେକ ଉତ୍ତର ବୈଜ୍ଞାନିକ ଚିନ୍ତାଧାରାର କି ନୁହେଁ ଯାଞ୍ଚ କରନ୍ତୁ।

ଏହାପରେ ଶିକ୍ଷାର୍ଥୀଙ୍କୁ ଯୋଡ଼ି କାର୍ଯ୍ୟ କରି ବୀଜାଣୁ ଓ ଭୂତାଣୁ ମଧ୍ୟରେ ଥିବା ପାର୍ଥକ୍ୟକୁ ଆଲୋଚନା କରି ଖାତାରେ ଲେଖିବାକୁ କୁହନ୍ତୁ। ସେମାନେ କଳାପଟାରେ ଲେଖାଥିବା ସୂଚନାକୁ ବ୍ୟବହାର କରିପାରିବେ କିନ୍ତୁ ଏହାକୁ ନିଜେ ସଠିକ୍ ଭାବେ ସଜାଇବା ଆବଶ୍ୟକ ।

### ଟିକିଏ ଚିନ୍ତା କରନ୍ତୁ

- ଆପଣଙ୍କ ଶିକ୍ଷାର୍ଥୀମାନେ ଏହି ପନ୍ଥା ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କଲେ ?
- ଏହି କାର୍ଯ୍ୟରୁ ଆପଣ ଆପଣଙ୍କ ଶିକ୍ଷାର୍ଥୀଙ୍କର ବୋଧଗମ୍ୟତା ବିଷୟରେ କ'ଣ ଜାଣିଲେ ?

## ପରିସ୍ଥିତି ଅନୁଧ୍ୟାନ 1: ସମଗ୍ର ଶ୍ରେଣୀ ପାରସ୍ପରିକ ଭାବବିନିମୟରେ ଶିକ୍ଷାଦାନ

*ଶ୍ରୀମତି ଷଡ଼ଙ୍ଗୀ ଶ୍ରେଣୀରେ ଅଧିକ ଅଂଶ ଗ୍ରହଣ କରିବାପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବାକୁ ସମଗ୍ର ଶ୍ରେଣୀରେ ପାରସ୍ପରିକ ଭାବବିନିମୟରେ ଶିକ୍ଷାଦାନ ବ୍ୟବସ୍ଥା ବ୍ୟବହାର କରନ୍ତି।*

ମୁଁ ମୋ ଶ୍ରେଣୀରେ ଅଧିକରୁ ଅଧିକ ପ୍ରଶ୍ନ ପଚାରିବାକୁ ଚେଷ୍ଟା କରେ ଫଳରେ ଶିକ୍ଷାର୍ଥୀମାନେ କ'ଣ ଜାଣିଛନ୍ତି ମୁଁ ଜାଣିପାରିବି ଓ ମୋ ପାଠକୁ ସେହି ଅନୁଯାୟୀ ସଜାଡ଼ି ପାରିବି । ମୁଁ ସାଧାରଣତଃ ସ୍ୱଇଚ୍ଛାରେ କହିବାକୁ କହିଥାଏ କାରଣ ଯଦି ଶିକ୍ଷାର୍ଥୀ କୌଣସି ପ୍ରଶ୍ନର ଉତ୍ତର ଦେଇ ନପାରିବେ ତେବେ ସେମାନେ ଯେପରି ଅସ୍ୱସ୍ତିକର ବୋଧ ନ କରିବେ ବା ଅପମାନିତ ନହେବେ। ଏହି ବର୍ଷ ମୋର ନବମ ଶ୍ରେଣୀରେ ପୁଅଙ୍କ ଠାରୁ ଝିଅମାନଙ୍କ ସଂଖ୍ୟା ଅଧିକ । କିନ୍ତୁ ମୁଁ ଦେଖିଛି ଯେ ଅଧିକାଂଶ ସମୟରେ କୌଣସି ପ୍ରଶ୍ନ ପଚାରିଲେ ପୁଅମାନେ ହିଁ ସବୁବେଳେ ଉତ୍ତର କହିବାକୁ ହାତ ଟେକନ୍ତି । ଦିନେ ଯେତେବେଳ ସେମାନେ ଏକ ବିଜ୍ଞାନ ପରୀକ୍ଷଣ କରୁଥିଲେ ମୁଁ କେତେକ ଝିଅଙ୍କୁ ପଚାରିଲି "ତୁମେମାନେ କାହିଁକି ଉତ୍ତର କହିବାକୁ ହାତ ଟେକୁନ ?" ସେମାନଙ୍କ ମଧ୍ୟରୁ କେତେକ କହିଲେ ସେମାନେ ସବୁବେଳେ ତାଙ୍କ ଉତ୍ତର ଠିକ୍ ହେବ ବୋଲି ନିଶ୍ଚିତ ନଥାନ୍ତି ଏବଂ ଅନ୍ୟମାନଙ୍କ ଆଗରେ ଅପମାନିତ ହେବାକୁ ଚାହାନ୍ତି ନାହିଁ। ଅନ୍ୟଜଣେ କହିଲା ସେ ପ୍ରାୟତଃ ଉତ୍ତର ଜାଣିଥାଏ କିନ୍ତୁ ଶୀଘ୍ର ଚିନ୍ତା କରିପାରେ ନାହିଁ।

ତା'ପରଦିନ ଆମେ ରୋଗ ପ୍ରତିରୋଧ ବ୍ୟବସ୍ଥା ବିଷୟରେ ଆଲୋଚନା କରୁଥିଲୁ। ରୋଗର କାରଣ ଓ ଚିକିତ୍ସା ବିଧି ବିଷୟରେ ପୂର୍ବ ପାଠରେ ଯାହା ଆଲୋଚନା ହୋଇଥିଲା ଶିକ୍ଷାର୍ଥୀମାନେ କେତେ ବୁଝିଛନ୍ତି ତାହା ଜାଣିବା ପାଇଁ ମୁଁ କେତେକ ପ୍ରଶ୍ନ ପଚାରିବା ପାଇଁ ଯୋଜନା କଲି। ମୁଁ ପ୍ରଥମେ କେତେକ ଆବଦ୍ଧ ପ୍ରଶ୍ନ ଏବଂ ପରେ କିଛି ଅଧିକ ଅନୁସନ୍ଧିତ୍ସୁ ପ୍ରଶ୍ନ ପଚାରିବା ପାଇଁ ଯୋଜନା କଲି ଯେଉଁଥିରୁ ସେମାନେ ରୋଗ ପ୍ରତିରୋଧ ବ୍ୟବସ୍ଥା ବିଷୟରେ କେତେ ବୁଝିଛନ୍ତି ଜାଣିପାରିବି।

ମୁଁ ତିନୋଟି ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ ପଚାରିଲି-

- କେଉଁ କାରଣରୁ ରୋଗ ହୁଏ ?
- ସଂକ୍ରାମକ ରୋଗ କିପରି ବ୍ୟାପେ ?
- ଆଣ୍ଟିବାଇଓଟିକସ୍‌ର କାର୍ଯ୍ୟ କ'ଣ ?

ପ୍ରଥମେ ଶିକ୍ଷାର୍ଥୀମାନେ ନିଜେ ନିଜେ ପ୍ରଶ୍ନର ଉତ୍ତର ଚିନ୍ତା କରିବେ ଏବଂ ପରେ ନିଜ ପାଖରେ ବସିଥିବା ଶିକ୍ଷାର୍ଥୀ ସହିତ ନିଜ ନିଜ ଉତ୍ତରକୁ ତୁଳନା କରିବାକୁ କହିଲି । ଏହି କାମ କରିବାକୁ ମୁଁ ସେମାନଙ୍କୁ କିଛି ସମୟ ଦେଲି ଏବଂ ବୁଲିବୁଲି ସେମାନଙ୍କ ବାର୍ତ୍ତାଳାପ ଶୁଣିଲି ।

ଏହାପରେ ମୁଁ ଉତ୍ତର କହିବା ପାଇଁ ଶିକ୍ଷାର୍ଥୀଙ୍କୁ ମନୋନୀତ କଲି । ମୁଁ ସବୁ ଝିଅ ପିଲାଙ୍କୁ ହିଁ ବାଛିଲି । ମୁଁ ଜାଣି ଜାଣି ସେହି ଝିଅଙ୍କୁ ବାଛିଲି ଯିଏ ଠିକ୍ ଉତ୍ତର ଦେବେ କାରଣ ତାଙ୍କ ଯୋଡ଼ିଦାରଙ୍କ ସହ ଆଲୋଚନା କରିବା ସମୟରେ ମୁଁ ତାଙ୍କ କଥାବର୍ତ୍ତା ଶୁଣିଥିଲି । ସେମାନେ ଯେତେବେଳେ ଉକ୍ତ ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଦେଲେ ମୁଁ ସେମାନଙ୍କୁ ଯତ୍ନର ସହ ପ୍ରଶଂସା କଲି ଓ ପରବର୍ତ୍ତୀ ପ୍ରଶ୍ନ ପଚାରିଲି । ଏହା ଶ୍ରେଣୀରେ ସମସ୍ତଙ୍କ ସମ୍ମୁଖରେ ଉତ୍ତର କହିବା ପାଇଁ ତାଙ୍କର ଆତ୍ମବିଶ୍ୱାସ ବଢ଼ାଇଥିବ ବୋଲି ମୁଁ ଆଶା କଲି ।

ଏହାପରେ ମୁଁ କିଛି ସାଧାରଣ ପ୍ରଶ୍ନ କଲି ଯଥା- "ଆମେ କିପରି ରୋଗ ପ୍ରତିରୋଧ କରିପାରବା ବୋଲି ତୁମେ ଭାବୁଛ ?" "ତୁମେ କିପରି ଭାବୁଛ" ଏହା ମୁଁ ଜାଣି ଜାଣି ପଚାରିଲି । ସେମାନେ ଯେପରି ନିଶ୍ଚିତ ହେବେ ଯେ ମୁଁ ତାଙ୍କର ମତାମତ ଶୁଣିବା ପାଇଁ ଆଗ୍ରହୀ ଓ ବହିରୁ ସେମାନେ ଉତ୍ତର ଜାଣିଥିବେ ବୋଲି ମୁଁ ତାଙ୍କଠାରୁ ଆଶା କରୁନାହିଁ । ଯେତେବେଳେ ସେମାନେ ଯୋଡିରେ ବସି ଆଲୋଚନା କରୁଥିଲେ ମୁଁ ଜଣେ ପୁଅ ପିଲାଙ୍କୁ ପଚାରିଲି । ରୋଗ ପ୍ରତିଷେଧକ ବ୍ୟବସ୍ଥାର ଗୋଟିଏ ଉପାୟ କୁହ ଏବଂ ତା'ପରେ ତିନିଜଣ ଝିଅଙ୍କୁ ପଚାରିଲି । ସେମାନେ ଟୀକା କରଣ ବିଷୟରେ ବହୁତ କିଛି ଜାଣିଛନ୍ତି ବୋଲି ମୁଁ ଅନୁଭବ କଲି । କେତେକ ଶିକ୍ଷାର୍ଥୀ ରୋଗ ସଂକ୍ରମଣ ନ ହେବା ପାଇଁ ସ୍ୱାସ୍ଥ୍ୟରକ୍ଷାର ଗୁରୁତ୍ୱ ବିଷୟରେ ବୁଝିଛନ୍ତି କିନ୍ତୁ ଅଳ୍ପ କେତେକ ଶିକ୍ଷାର୍ଥୀ ଉତ୍ତମ ଖାଦ୍ୟ ସହିତ ଉତ୍ତମ ସ୍ୱାସ୍ଥ୍ୟକୁ ସଂପର୍କିତ କରିପାରିଲେ ।

ମୁଁ ଏବେ ଏହି କୌଶଳ କିଛି ସପ୍ତାହ ଧରି ବ୍ୟବହାର କରିଆସୁଛି । ଗତକାଲି ମୁଁ ପୁଣି ମୋର ପୁରୁଣା ପଦ୍ଧତି ଅନୁଯାୟୀ କିଏ ସ୍ୱ-ଇଚ୍ଛାରେ କହିପାରିବେ ବୋଲି ପଚାରିବାରୁ ଅଧିକ ସଂଖ୍ୟକ ଝିଅ ଏଥିପାଇଁ ଇଚ୍ଛା ପ୍ରକାଶ କରିଥିବାରୁ ମୁଁ ଖୁସି ହେଲି, କିନ୍ତୁ ଏହି ସଂଖ୍ୟା ମୋ ଆଶାନୁରୂପ ନଥିଲା । ଝିଅମାନଙ୍କର ଆତ୍ମବିଶ୍ୱାସ ବଢାଇବା ପାଇଁ ମୋର ଆହୁରି ଅଧିକ ଉପାୟ ଚିନ୍ତା କରିବା ଆବଶ୍ୟକ ଅଛି ।

ଶ୍ରୀମତି ଷଡଙ୍ଗୀ ପ୍ରଶ୍ନୋତ୍ତର କାର୍ଯ୍ୟରେ ସମସ୍ତ ଶିକ୍ଷାର୍ଥୀ ଅଂଶଗ୍ରହଣ କରିବା ପାଇଁ ଗୋଟିଏ କୌଶଳ ଅବଲମ୍ବନ କରୁଛନ୍ତି । ଆପଣ ଚାହିଁଲେ ଆହୁରି ଅନେକ କୌଶଳ ଅବଲମ୍ବନ ପାଇଁ ଚେଷ୍ଟା କରିପାରିବେ । ଗୋଟିଏ କୌଶଳ ହେଉଛି-ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀଙ୍କୁ ନିଜେ ନିଜେ ପ୍ରଶ୍ନର ଉତ୍ତର ଲେଖିବା ପାଇଁ କିଛି ସମୟ ଦେବା ଏବଂ ପରେ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କୁ ବା ଯେକୌଣସି ଶିକ୍ଷାର୍ଥୀଙ୍କୁ ଉତ୍ତର କହିବା ପାଇଁ କହିବା । ଅନ୍ୟ କୌଶଳ ହେଉଛି ପ୍ରଶ୍ନ ପଚାରି ସାରିବା ପରେ କିଛି ସମୟ ଅପେକ୍ଷା କରିବା । ଉଭୟ କୌଶଳରେ ଶିକ୍ଷାର୍ଥୀମାନଙ୍କୁ ଚିନ୍ତା ଓ ମୂଲ୍ୟାୟନ କରିବା ପାଇଁ ସମୟ ଦେଇଥାଏ । ଫଳରେ ଶିକ୍ଷାର୍ଥୀମାନଙ୍କର ଉତ୍ତର ଯୁକ୍ତ ସଂଗତ ଓ ବର୍ଣ୍ଣନାତ୍ମକ ହୋଇଥାଏ । ଏହାଦ୍ୱାରା ସବୁବେଳେ ଅଳ୍ପ ସଂଖ୍ୟକ ଶିକ୍ଷାର୍ଥୀ ହାତ ଟେକିବା ପରିବର୍ତ୍ତେ ସମସ୍ତ ଶିକ୍ଷାର୍ଥୀ ପ୍ରଶ୍ନର ଉତ୍ତର ଚିନ୍ତା କରିବାକୁ ସୁଯୋଗ ପାଆନ୍ତି ।

ଭିଡ଼ିଓ : ସମସ୍ତଙ୍କୁ ଅଂଶଗ୍ରହଣ କରାଇ

# 3 ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରିବା

ମୁଖ୍ୟତଃ ଦୁଇଟି କାରଣରୁ ଶିକ୍ଷାର୍ଥୀମାନେ ପ୍ରଶ୍ନ କିପରି ପଚରାଯାଏ ଶିଖିବା ଆବଶ୍ୟକ। ପ୍ରଥମତଃ, ଏହା ଗୁରୁତ୍ୱପୂର୍ଣ୍ଣ ଯେ ଯଦି ସେମାନେ କାମଟି ବୁଝି ପାରୁନାହାଁନ୍ତି ଓ ସାହାଯ୍ୟ ଆବଶ୍ୟକ କରୁଛନ୍ତି ତେବେ ସେମାନେ ଆପଣଙ୍କୁ ବା ନିଜର ସହପାଠୀଙ୍କୁ ଏହା ପଚାରିବା ପାଇଁ ତାଙ୍କର ଆତ୍ମପ୍ରତ୍ୟୟ ରହିବା ଆବଶ୍ୟକ । ପ୍ରଶ୍ନ ପଚାରିବା ଠିକ୍ ହେବ ବୋଲି ଅନୁଭବ କରିବା ଓ ପ୍ରଶ୍ନ ତିଆରି କରିବା ଉଭୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ, ଦ୍ୱିତୀୟତଃ, ଗଣତାନ୍ତ୍ରିକ ସମାଜରେ ସକ୍ରିୟ ସଦସ୍ୟ ହେବା ପାଇଁ ସେମାନେ ତଥ୍ୟ ଗୁଡିକୁ ବିଶ୍ଳେଷଣ କରିବା, ସତ୍ୟାସତ୍ୟ ଉପରେ ପ୍ରଶ୍ନ କରିବା ଏବଂ ଲୋକମାନେ କରୁଥିବା ଆହ୍ୱାନକୁ ମୁକାବିଲା କରିବା ପାଇଁ ସକ୍ଷମ ହେବା ଆବଶ୍ୟକ।

## ପରିସ୍ଥିତି ଅନୁଧ୍ୟାନ 2: ପ୍ରଶ୍ନ ପଚାରିବା

*ଶ୍ରୀଯୁକ୍ତ ସାହୁ ତାଙ୍କ ଶିକ୍ଷାର୍ଥୀମାନଙ୍କୁ କିଛି ପ୍ରଶ୍ନ ପ୍ରସ୍ତୁତ କରିବା ପାଇଁ କହନ୍ତି।*

ଯେତେବେଳେ ମୁଁ ଗୋଟିଏ ପ୍ରସଙ୍ଗ ପଢାଇସାରେ, ମୋ ଶିକ୍ଷାର୍ଥୀମାନେ ସବୁ ବୁଝିଛନ୍ତି ବା କାହାର କିଛି ପ୍ରଶ୍ନ ଅଛି କି ବୋଲି ମୁଁ ସାଧାରଣତଃ ପ୍ରଶ୍ନ କରିଥାଏ। ମୁଁ ସବୁବେଳେ ଉତ୍ତର ପାଏ ଯେ 'ହଁ' ଆମେ ବୁଝିଛୁ ଏବଂ ଅତି ଅଳ୍ପ ଶିକ୍ଷାର୍ଥୀ ମୋତେ ଗୋଟେ ପ୍ରଶ୍ନ ପଚାରନ୍ତି। ତଥାପି ସେମାନେ ପରୀକ୍ଷାରେ ମୋ ଆଶାନୁରୂପ ଭଲ କରନ୍ତି ନାହିଁ ଏବଂ ଏହା ସ୍ୱଭାବିକ ଯେ ଅଧିକାଂଶ ଶିକ୍ଷାର୍ଥୀ କେତେକ ଧାରଣା ବୁଝିପାରିନଥାନ୍ତି । ମୁଁ ସ୍ଥିର କଲି ଏ ବିଷୟରେ ମୋର କିଛି କରିବା ଆବଶ୍ୟକ।

ମୁଁ ଯେତେବେଳେ "ରୋଗ ଓ ଏହାର ନିରାକରଣ" ପ୍ରସଙ୍ଗ ପଢାଇ ସାରିଲି ମୁଁ ଭିନ୍ନ ଗୋଟିଏ ପନ୍ଥା ଗ୍ରହଣ କରିବାକୁ ସ୍ଥିର କଲି। ଗୃହ କାର୍ଯ୍ୟ ପାଇଁ ପ୍ରସଙ୍ଗ ଶେଷରେ ଥିବା ପ୍ରଶ୍ନର ଉତ୍ତର ଲେଖି ଆଣିବାକୁ କହିବା ପରିବର୍ତ୍ତେ, ତାଙ୍କ ସହପାଠୀଙ୍କ ପାଇଁ ଏକ ପରୀକ୍ଷା ପ୍ରସ୍ତୁତ କରିବାକୁ କହିଲି। ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ପାଞ୍ଚଟି ପ୍ରଶ୍ନ ତିଆରି କରିବାକୁ ଥିଲା। ଆହୁରି ମଧ୍ୟ ସେମାନେ ପ୍ରସଙ୍ଗର କେଉଁ ପ୍ରଶ୍ନଗୁଡ଼ିକ ସେମାନେ ପଚାରିବାକୁ ଚାହାନ୍ତି ସେଗୁଡିକର ଅଲଗା ତାଲିକା ପ୍ରସ୍ତୁତ କରିବାକୁ କହିଲି।

ତା'ପର ଦିନ ଚାରି ଜଣ ଶିକ୍ଷାର୍ଥୀଙ୍କୁ ଗୋଟିଏ ଗୋଟିଏ ଦଳରେ ବସାଇଲି। ଦଳଗୁଡ଼ିକ ଏପରି ସ୍ଥିର କଲି ଯେପରି ସମ ଦକ୍ଷତା ସଂପନ୍ନ ଶିକ୍ଷାର୍ଥୀ ଗୋଟିଏ ଦଳରେ ରହିଲେ। ପ୍ରତ୍ୟେକ ଦଳର ଶିକ୍ଷାର୍ଥୀଙ୍କୁ ପ୍ରତି ଶିକ୍ଷାର୍ଥୀର ପ୍ରଶ୍ନ ଉପରେ କାର୍ଯ୍ୟ କରିବାକୁ ପଡିଲା (ସମୁଦାୟ କୋଡିଏଟି ପ୍ରଶ୍ନ ହେବ)। ମୁଁ ଦୁର୍ବଳ ଶିକ୍ଷାର୍ଥୀମାନଙ୍କ ଦଳରେ ରହି ସହାୟତା ଦେବି ବୋଲି ଭାବିଲି କିନ୍ତୁ ମୁଁ ଦେଖିଲି ଯେ ସେମାନେ ଉପଯୁକ୍ତ ସ୍ତରରେ କେତେକ ଭଲ ପ୍ରଶ୍ନ ତିଆରି କରିଛନ୍ତି । ଯଦି କୌଣସି ଦଳ ଶୀଘ୍ର ନିଜର କାର୍ଯ୍ୟ କରିଦେଲେ ତେବେ ମୁଁ ସେମାନଙ୍କୁ ଯେଉଁ ପାଠରେ ସେମାନେ ସହାୟତା ଚାହୁଁଛନ୍ତି ସେଥିରେ ଅଧିକ ପ୍ରଶ୍ନ ଚିନ୍ତା କରିବାକୁ କହିଲି । ପିରିୟଡର ଶେଷ 10 ମିନିଟ୍‌ରେ ମୁଁ ତାଙ୍କୁ ପ୍ରସଙ୍ଗ ଶେଷରେ ଥିବା ପ୍ରଶ୍ନଗୁଡିକର ଉତ୍ତର ଲେଖିବା କାର୍ଯ୍ୟ ଦେଲି। ସେମାନେ ଉତ୍ତର ଲେଖୁଥିବା ସମୟରେ ମୁଁ ବୁଲି ବୁଲି ଶିକ୍ଷାର୍ଥୀମାନେ ଉତ୍ତର ନିଶ୍ଚିତ ନଥିବା ପ୍ରଶ୍ନର ଉତ୍ତର ଦେଉଥିଲି।



### ଟିକିଏ ଚିନ୍ତା କରନ୍ତୁ

ଆପଣଙ୍କ ଶିକ୍ଷାର୍ଥୀମାନେ ପ୍ରଶ୍ନ ପଚାରିବାକୁ ସକ୍ଷମ ଅନୁଭବ କରିବେ ବୋଲି ନିଶ୍ଚିତ କରିବାକୁ ଆପଣ କି ପଦକ୍ଷେପ ନେଇପାରିବେ ?

ଶିକ୍ଷାର୍ଥୀମାନେ ପ୍ରଶ୍ନ ପଚାରିବା ପାଇଁ ଦାୟିକ ହେବା ଗୁରୁତ୍ୱପୂର୍ଣ୍ଣ ଅଟେ। ସେମାନେ ପ୍ରଶ୍ନ ପଚାରିବା ପାଇଁ ଆପଣ ତାଙ୍କୁ ସମୟ ଓ ସୁଯୋଗ ଦେବା ସହ ଯତ୍ନର ସହ ପ୍ରତିକ୍ରିୟା ପ୍ରକାଶ କରିବା ଆବଶ୍ୟକ। ଏହା ଏକ ଭଲ ପ୍ରଶ୍ନ ଏବଂ ସେମାନେ ଏହା ପଚାରିଥିବାରୁ ଆପଣ ବହୁତ ଖୁସି ବୋଲି ତାଙ୍କୁ କୁହନ୍ତୁ। ଆପଣ ଯେତେ ସ୍ପଷ୍ଟ ଭାବରେ ପାରିବେ ଉତ୍ତରଗୁଡିକୁ ବୁଝାନ୍ତୁ। ଶେଷରେ ଗୋଟିଏ ସେହି

ସଂପର୍କିତ ପ୍ରଶ୍ନ ପଚାରିପାରିବେ ଯେଉଁଥିରୁ ସେମାନେ ପ୍ରକୃତରେ କେତେ ଦୂର ବୁଝିଛନ୍ତି ଆପଣ ଜାଣିପାରେବେ। ଆପଣ ଯଦି ଏକ ବନ୍ଧୁତ୍ୱପୂର୍ଣ୍ଣ ଓ ଉତ୍ସାହଜନକ ପରିବେଶ ସୃଷ୍ଟି କରିପାରିବେ ତେବେ ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବା ସହଜ।

## ଶିକ୍ଷଣ କାର୍ଯ୍ୟ-3 : ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରିବା

ଏହି କାର୍ଯ୍ୟ କେତେକ ତଥ୍ୟ ସଂପର୍କିତ ପ୍ରଶ୍ନ ପଚାରିବା ପାଇଁ ଚିନ୍ତା କରିବାକୁ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦେବ। ଏହିଭଳି ଚିନ୍ତା କରିବା ଓ ପ୍ରଶ୍ନ କରିବା ଏକ ଗଣତାନ୍ତ୍ରିକ ସମାଜରେ ଉତ୍ତମ ନାଗରିକ ହେବା ପାଇଁ ସେମାନଙ୍କୁ ସାହାଯ୍ୟ କରିବ। ସେମାନେ ଏହାକୁ ଆଧାର କରି କେତେକ ପ୍ରକଳ୍ପ କାର୍ଯ୍ୟ କରିପାରନ୍ତି।

- ସମ୍ବଳ-3 ରେ ଦିଆଯାଇଥିବା ତଥ୍ୟକୁ କଳାପଟାରେ ଉତାରନ୍ତୁ। (ଯଦି ଆପଣଙ୍କ ପାଖରେ ଅନ୍ୟ ତଥ୍ୟ ଅଛି ଆପଣ ତାକୁ ମଧ୍ୟ ବ୍ୟବହାର କରିପାରନ୍ତି)।
- ପ୍ରତ୍ୟେକ ଶିକ୍ଷାର୍ଥୀ ସେହି ତଥ୍ୟକୁ ଅନୁଧ୍ୟାନ କରି ସେହି ତଥ୍ୟ ସଂର୍ପକିତ ଦୁଇଟି ପ୍ରଶ୍ନ ଲେଖିବାକୁ କୁହନ୍ତୁ।
- ନିଜ ପାଖରେ ବସିଥିବା ଶିକ୍ଷାର୍ଥୀଙ୍କ ପ୍ରଶ୍ନ ସହ ତାଙ୍କ ପ୍ରଶ୍ନକୁ ତୁଳନା କରିବାକୁ ଏବଂ ଉଭୟ ମିଶି ଆଉ ଦୁଇଟି ପ୍ରଶ୍ନ ଚିନ୍ତା କରିବାକୁ କୁହନ୍ତୁ।
- କିଏ ସ୍ୱ-ଇଚ୍ଛାରେ କହିବ ପଚାରନ୍ତୁ ଓ ଶିକ୍ଷାର୍ଥୀଙ୍କର କେତେକ ପ୍ରଶ୍ନକୁ କଳାପଟାରେ ଲିପିବଦ୍ଧ କରନ୍ତୁ।
- ଆପଣ ଆଶା କରୁଥିବା କିଛି ପ୍ରଶ୍ନ ପାଇବେ । ଯଥା "କେଉଁ ରାଜ୍ୟରେ ରୋଗ ପ୍ରତିରୋଧକରଣ ହାର ସର୍ବାଧିକ ?" ଆଉ କେତେକ କଉତୁକିଆ ପ୍ରଶ୍ନ ଯଥା- ଶୈଶବ ଅବସ୍ଥାରେ ମା କ୍ଷୀର ଖାଇଥିବା ଶିଶୁ ଓ ପରବର୍ତ୍ତୀ ଅବସ୍ଥାରେ ତାର ଓଜନ ହ୍ରାସ ହେବା- ମଧ୍ୟରେ କିଛି ସମ୍ପର୍କ ଅଛି କି ? ବା "ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶର ପ୍ରତିଷେଧକ ଟୀକା ନେଇଥିବା ଶିକ୍ଷାର୍ଥୀଙ୍କ ସଂଖ୍ୟା (ଶତକଡାରେ) ମଧ୍ୟରେ ଏତେ ବେଶୀ ପାର୍ଥକ୍ୟ କାହିଁକି ଅଛି ?"

ବର୍ତ୍ତମାନ ଶିକ୍ଷାର୍ଥୀମାନେ ତାଙ୍କର ଯେ କୌଣସି ପ୍ରଶ୍ନ ବାଛି ତା ଉପରେ ବିସ୍ତୃତ ଭାବେ ଅନୁସନ୍ଧାନ କରିବାକୁ କୁହନ୍ତୁ। ସେମାନେ ଏହାକୁ ଗୃହକାର୍ଯ୍ୟ ରୂପେ କରିପାରନ୍ତି। ସେମାନଙ୍କୁ ଏହପରି ପ୍ରଶ୍ନ ବାଛିବା ପାଇଁ ଉତ୍ସାହିତ କରନ୍ତୁ ଯେପରି ବାସ୍ତବରେ ସେମାନେ ତାର ଉତ୍ତର କରିପାରିବେ। ଉଦାହରଣ ସ୍ୱରୂପ, ଯଦି ସେମାନଙ୍କ ପାଖରେ ଇଣ୍ଟରନେଟ୍‌ର ସୁବିଧା ଅଛି ତେବେ ସେମାନେ ବାଛିଥିବା ପ୍ରଶ୍ନ ପାଠାଗାର, ଟେଲିଭିଜନ, ରେଡିଓ ବା ପରିବାରର ସଦସ୍ୟଙ୍କ ଉପରେ ନିର୍ଭର କରି ଉତ୍ତର ପାଇବା ପ୍ରଶ୍ନଠାରୁ ଭିନ୍ନ ହେବ।

## 4 ସାରାଂଶ

ପ୍ରଶ୍ନ ପଚାରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଅଧିକାଂଶ ଶିକ୍ଷକ ସଂପୂର୍ଣ୍ଣ ଶ୍ରେଣୀରେ ଶିକ୍ଷାଦାନ କରନ୍ତି। ଯତ୍ନର ସହ ଓ ଧ୍ୟାନ ପୂର୍ବକ ପଚରା ଯାଉଥବା ପ୍ରଶ୍ନ ସମଗ୍ର ଶ୍ରେଣୀଙ୍କୁ ଅଧିବେଶନକୁ ଭାବବିନିମୟକାରୀ ଓ ଫଳପ୍ରଦ ହୋଇପାରେ। ଶିକ୍ଷଣରେ ଅଧିକରୁ ଅଧିକ ଶିକ୍ଷାର୍ଥୀଙ୍କର ଅଂଶଗ୍ରହଣକୁ ନିଶ୍ଚିତ କରିବାର ମୁଖ୍ୟ ଉପାୟ ହେଉଛି-ସମସ୍ତ ଶିକ୍ଷାର୍ଥୀଙ୍କୁ ଉତ୍ତର ଚିନ୍ତା କରିବା ଭଳି ପ୍ରଶ୍ନ ପଚାରିବା ଓ ତାଙ୍କର ଉତ୍ତରକୁ ଯତ୍ନର ସହ ଶୁଣିବା।

ଏହି ଏକକରେ ଆପଣ ଯେଉଁ କୌଶଳ ଶିଖିଲେ ତାହା ସମସ୍ତ ପ୍ରସଙ୍ଗ ପାଇଁ ପ୍ରୟୋଗ କରିହେବ।

# ସମ୍ବଳ

## ସମ୍ବଳ 1: ଚିନ୍ତା ଶକ୍ତିର ଅଭିବୃଦ୍ଧି ପାଇଁ ପ୍ରଶ୍ନର ବ୍ୟବହାର

ଶିକ୍ଷକମାନେ ଶ୍ରେଣୀରେ ସବୁବେଳେ ପ୍ରଶ୍ନ ପଚାରନ୍ତି; ଅର୍ଥାତ୍ ପ୍ରଶ୍ନ ମାଧ୍ୟମରେ ସେମାନେ ଶିକ୍ଷାର୍ଥୀଙ୍କର ଅଧିକରୁ ଅଧିକ ଶିକ୍ଷଣ ପାଇଁ ସହାୟତା କରନ୍ତି। ଏକ ଅଧ୍ୟୟନରୁ ଜଣାପଡିଛି ଯେ ଜଣେ ଶିକ୍ଷକ ଶ୍ରେଣୀର ହାରାହାରି ଏକ ତୃତୀୟାଂଶ ସମୟ ପ୍ରଶ୍ନ ପଚାରିବାରେ ବିନିଯୋଗ କରନ୍ତି (Hastings, 2003)। ସେଥିମଧ୍ୟରୁ ଶତକଡା 60 ପ୍ରଶ୍ନ ତଥ୍ୟ ମନେପକାଇବା ଉପରେ ଆଧାରିତ, ଶତକଡା 20 ପ୍ରକ୍ରିୟା ଭିତ୍ତିକ (Hatlie, 2012) ଯେଉଁ ଗୁଡିକର ଉତ୍ତର କେବଳ "ଠିକ୍" ବା "ଭୁଲ୍"ରେ ହେଉଥିବ। କିନ୍ତୁ କେବଳ ଏଭଳି "ଠିକ୍" ବା "ଭୁଲ୍" ପ୍ରଶ୍ନ ପଚାରିବା ଦ୍ୱାରା ଶିକ୍ଷାର୍ଥୀଙ୍କର ଶିକ୍ଷଣ ଅଭିବୃଦ୍ଧି ହେବ କି ?

ବିଭିନ୍ନ ପ୍ରକାରର ପ୍ରଶ୍ନ ଅଛି ଯାହାକି ଶିକ୍ଷାର୍ଥୀମାନଙ୍କୁ ପଚରାଯାଇପାରେ। ଶିକ୍ଷାର୍ଥୀମାନଙ୍କ ଠାରୁ କେଉଁଭଳି ଉତ୍ତର ଓ ଫଳାଫଳ ଆଶା କରୁଛନ୍ତି ସେହି ଅନୁଯାୟୀ ଶିକ୍ଷକ ପ୍ରଶ୍ନ ପଚାରିବା ଉଚିତ୍। ସାଧାରଣତଃ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ନିମ୍ନ କାରଣରୁ ପ୍ରଶ୍ନ ପଚାରନ୍ତି–

- କୌଣସି ନୂଆ ପ୍ରସଙ୍ଗ ବା ସାମଗ୍ରୀ ପରିଚିତ କରାଇବା ସମୟରେ ଶିକ୍ଷାର୍ଥୀମାନଙ୍କୁ ବୋଧଗମ୍ୟତାର ଦିଗ୍‌ଦର୍ଶନ ଦେବା
- ଅଧିକ ଚିନ୍ତା କରିବାକୁ ଅଭିପ୍ରେରିତ କରିବା
- ଭୁଲ ସଂଶୋଧନ କରିବା
- ସକ୍ରିୟ କରିବା
- କେତେ ବୁଝିଛନ୍ତି ଜାଣିବା

ଶିକ୍ଷାର୍ଥୀମାନେ କ'ଣ ଜାଣିଛନ୍ତି ତାହା ପାଇଁ ସାଧାରଣତଃ ପ୍ରଶ୍ନ ପଚରା ଯାଇଥାଏ ତେଣୁ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଗ୍ରଗତିକୁ ଆକଳନ କରିବା ପାଇଁ ଏହା ଏକ ମୁଖ୍ୟ ଉପାୟ। ଶିକ୍ଷାର୍ଥୀମାନଙ୍କର ଚିନ୍ତା ଶକ୍ତିର ବିକାଶ ପାଇଁ ଓ ସେମାନଙ୍କର ଅନୁସନ୍ଧାନ ଧର୍ମୀ ମାନସିକତାକୁ ଅଭିପ୍ରେରିତ କରିବା ପାଇଁ ମଧ୍ୟ ପ୍ରଶ୍ନ ପଚରାଯାଇଥାଏ। ପ୍ରଶ୍ନକୁ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ।

- **ନିମ୍ନମାନର ପ୍ରଶ୍ନ:** ପୂର୍ବରୁ ପଢାଯାଇଥିବା ତଥ୍ୟ ଓ ଜ୍ଞାନକୁ ମନେପକାଇବା ଆଧାରିତ ଓ ପ୍ରାୟତଃ ଆବଦ୍ଧ ପ୍ରଶ୍ନ (ଯାହାର ଉତ୍ତର 'ହଁ' ବା 'ନା' ରେ ଆସୁଥିବ)।

- **ଉଚ୍ଚମାନର ପ୍ରଶ୍ନ:** ଏହି ପ୍ରକାର ପ୍ରଶ୍ନ ପାଇଁ ଅଧିକ ଚିନ୍ତନ ଆବଶ୍ୟକ। ପୂର୍ବରୁ ପଢାଯାଇଥିବା ତଥ୍ୟଗୁଡିକ ଆଧାରରେ ଶିକ୍ଷାର୍ଥୀମାନଙ୍କୁ ଉତ୍ତର କରିବାକୁ ବା ଯୁକ୍ତି ଦ୍ୱାରା କୌଣସି ଉତ୍ତରର ଯଥାର୍ଥତା ପ୍ରତିପାଦନ କରିବାକୁ କହିପାରନ୍ତି। ଉଚ୍ଚ ମାନର ପ୍ରଶ୍ନ ପ୍ରାୟତଃ ମୁକ୍ତ ପ୍ରଶ୍ନ ହୋଇଥାଏ।

ମୁକ୍ତ ଉତ୍ତର ପ୍ରଶ୍ନ ଶିକ୍ଷାର୍ଥୀମାନଙ୍କୁ ବହି ବାହାରକୁ ଯାଇ ଚିନ୍ତା କରିବାକୁ ଓ ବ୍ୟାଖ୍ୟା କରି ଉତ୍ତର ଦେବାକୁ ଉତ୍ସାହିତ କରେ। ଯାହା ଫଳରେ ଶିକ୍ଷାର୍ଥୀମାନେ ବିଭିନ୍ନ ଦିଗରୁ ଚିନ୍ତା କରି ଉତ୍ତର ଦେଇଥାନ୍ତି। ଏହା ଶିକ୍ଷାର୍ଥୀମାନଙ୍କର ବିଷୟ ବସ୍ତୁର ବୋଧଗମ୍ୟତା ଆକଳନ ପାଇଁ ଶିକ୍ଷକଙ୍କୁ ସାହାଯ୍ୟ କରିଥାଏ।

## ଉତ୍ତର ଦେବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା

ଅଧିକାଂଶ ଶିକ୍ଷକ ପ୍ରଶ୍ନ ପଚାରି ସାରିବା ପରେ ଉତ୍ତର ପାଇବା ପାଇଁ ଏକ ସେକେଣ୍ଡ ମଧ୍ୟ ଅପେକ୍ଷା କରି ନଥାନ୍ତି ଓ ନିଜେ ପ୍ରଶ୍ନର ଉତ୍ତର ଦେଇଥାନ୍ତି ବା ପ୍ରଶ୍ନକୁ ଅନ୍ୟ ପ୍ରକାରେ ପଚାରନ୍ତି (Hastings, 2003)। ଶିକ୍ଷାର୍ଥୀମାନେ ଉତ୍ତର ଦେବାକୁ ସମୟ ପାଆନ୍ତି, କିନ୍ତୁ ଚିନ୍ତା କରିବାକୁ ସମୟ ପାଆନ୍ତି ନାହିଁ। ଯଦି ଆପଣ ପ୍ରଶ୍ନ ପଚାରିସାରିବା ପରେ ଉତ୍ତର ପାଇବା ପାଇଁ କିଛି ସେକେଣ୍ଡ ଅପେକ୍ଷା କରିବେ ତେବେ ଶିକ୍ଷାର୍ଥୀମାନେ ଚିନ୍ତା କରିବାକୁ ସମୟ ପାଇବେ। ଏହା ଶିକ୍ଷାର୍ଥୀଙ୍କର ଉପଲବ୍ଧି ଉପରେ ସକାରାତ୍ମକ ପ୍ରଭାବ ପକାଇବ। ପ୍ରଶ୍ନ ପଚାରି ସାରି କିଛି ସମୟ ଅପେକ୍ଷା କଲେ ନିମ୍ନଲିଖିତ ଦିଗଗୁଡିକ ବୃଦ୍ଧି ହୋଇପାରିବ:

- ଶିକ୍ଷାର୍ଥୀମାନଙ୍କର ବିସ୍ତାରିତ ଉତ୍ତର
- ଉତ୍ତର ଦେବା ପାଇଁ ଶିକ୍ଷାର୍ଥୀଙ୍କ ସଂଖ୍ୟା
- ଶିକ୍ଷାର୍ଥୀମାନଙ୍କର ପ୍ରଶ୍ନ ପଚାରିବାର ବାରମ୍ବାରତା
- ଅଳ୍ପ-ଧୀ ସମ୍ପନ୍ନ ଶିକ୍ଷାର୍ଥୀଙ୍କ ଠାରୁ ଉତ୍ତର ପାଇବାର ସଂଖ୍ୟା
- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସକାରାତ୍ମକ ଭାବର ଆଦାନ ପ୍ରଦାନ

## ଆପଣଙ୍କ ପ୍ରତିକ୍ରିୟା ଗୁରୁତ୍ୱପୂର୍ଣ୍ଣ

ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଦିଆଯାଇଥିବା ଉତ୍ତରଗୁଡ଼ିକୁ ଆପଣ ଯେତେ ବେଶୀ ସକାରାତ୍ମକ ଭାବରେ ଗ୍ରହଣ କରିବେ ଶିକ୍ଷାର୍ଥୀମାନେ ସେତେବେଶୀ ଉତ୍ତର ଦେବା ପାଇଁ ଚିନ୍ତା ଓ ଚେଷ୍ଟା କରିବାକୁ ଆଗ୍ରହୀ ହେବେ। ଶିକ୍ଷାର୍ଥୀମାନଙ୍କ ଭୁଲ ଉତ୍ତର ଓ ଭୁଲ ଧାରଣା ସଂଶୋଧନ କରିବା ପାଇଁ ନିଶ୍ଚିତ କରିବାକୁ ଅନେକଗୁଡ଼ିଏ ଉପାୟ ଅଛି। ଯଦି ଜଣେ ଶିକ୍ଷାର୍ଥୀର ଭ୍ରମଧାରଣା ଅଛି ତେବେ ଅଧିକାଂଶ ଶିକ୍ଷାର୍ଥୀଙ୍କର ସେହିଭଳି ଭ୍ରମଧାରଣା ଥିବ ବୋଲି ଆପଣ ନିଶ୍ଚିତ ହେବେ। ନିମ୍ନରେ ଦିଆଯାଇଥିବା ବିଷୟଗୁଡ଼ିକ ଶ୍ରେଣୀରେ ପ୍ରୟୋଗ କରନ୍ତୁ:

- ଶିକ୍ଷାର୍ଥୀମାନେ ଲେଖିଥିବା ଉତ୍ତରଗୁଡ଼ିକର ଠିକ୍ ଅଂଶ ବାଛନ୍ତୁ ଏବଂ ଉତ୍ତରଗୁଡ଼ିକ ଉପରେ ଆଉଥରେ ଅଧିକ ଚିନ୍ତା କରିବାକୁ ସେମାନଙ୍କୁ ଭଲ ଭାବରେ କୁହନ୍ତୁ। ଏହା ଶିକ୍ଷାର୍ଥୀମାନଙ୍କୁ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଭୁଲକୁ ସଂଶୋଧନ କରି ଶିଖିବା ପାଇଁ ସାହାଯ୍ୟ କରିବ। ଆପଣ କିପରି ଭଲ ଭାବେ ଗୋଟିଏ ଭୁଲ ଉତ୍ତରକୁ ଗ୍ରହଣ କରିବେ ତା'ର ଗୋଟିଏ ଉଦାହରଣ ଦିଆଯାଇଛି- "ବାଷ୍ପୀକରଣ ପ୍ରକ୍ରିୟା ଦ୍ୱାରା ବାଦଲ ସୃଷ୍ଟି ହୁଏ ବୋଲି ତୁମେମାନେ ଠିକ୍ କହିଛ, କିନ୍ତୁ ମୁଁ ଭାବୁଛି ତୁମେମାନେ ବର୍ଷା ବିଷୟରେ ଯାହା କହିଛ ଆମେମାନେ ଏ ବିଷୟରେ ଆଉ କିଛି ଅଧିକ ଚିନ୍ତା କରିବାର ଆବଶ୍ୟକତା ଅଛି। କେହି ଜଣେ ଏ ବିଷୟରେ କିଛି ଧାରଣା ଦେଇପାରିବ କି ?"
- କଳାପଟାରେ ଶିକ୍ଷାର୍ଥୀମାନେ ଦେଇଥିବା ସବୁ ଉତ୍ତରଗୁଡ଼ିକ ଲେଖନ୍ତୁ, ଏବଂ ସେହି ଉତ୍ତରଗୁଡ଼ିକ ବିଷୟରେ ଅଧିକ ଚିନ୍ତା କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ କୁହନ୍ତୁ। କେଉଁ ଉତ୍ତରଗୁଡ଼ିକ ସେମାନେ ଠିକ୍ ବୋଲି ଭାବୁଛନ୍ତି ? ଦିଆଯାଇଥିବା ଅନ୍ୟ ଉତ୍ତର ସହ ତାର କ'ଣ ସଂପର୍କ ଅଛି ? ଏହା ଆପଣଙ୍କୁ, ଆପଣଙ୍କ ଶିକ୍ଷାର୍ଥୀମାନେ କେଉଁ ବାଟରେ ଚିନ୍ତା କରିଛନ୍ତି ତାହା ବୁଝିବାରେ ଓ ଆହୁରି ମଧ୍ୟ ନିର୍ଭୟ ଭାବେ ଶିକ୍ଷାର୍ଥୀମାନଙ୍କର ଯେ କୌଣସି ଭୁଲ୍ ଧାରଣାକୁ ସଂଶୋଧନ କରିବା ପାଇଁ ସୁଯୋଗ ଦେଇପାରିବ।

ଧ୍ୟାନର ସହ ଶୁଣି ଓ ଶିକ୍ଷାର୍ଥୀମାନଙ୍କୁ ଆହୁରି ଅଧିକ ବର୍ଣ୍ଣନା କରିବା ପାଇଁ କହି, ଶିକ୍ଷାର୍ଥୀମାନଙ୍କର ପ୍ରତ୍ୟେକ ଉତ୍ତରକୁ ଗୁରୁତ୍ୱ ଦିଅନ୍ତୁ। ସମସ୍ତ ଠିକ୍ ଓ ଭୁଲ୍ ଉତ୍ତର ଗୁଡ଼ିକୁ ଅଧିକ ବର୍ଣ୍ଣନା କରିବା ପାଇଁ ଆପଣ ଯଦି କହିବେ ତେବେ ଶିକ୍ଷାର୍ଥୀମାନେ ନିଜେ ନିଜର ଭୁଲଗୁଡ଼ିକୁ ସୁଧାରି ପାରିବେ ଆପଣ ନିଜେ ମଧ୍ୟ ଶ୍ରେଣୀରେ ଗୋଟିଏ ଚିନ୍ତା କରିବାର ପରିବେଶ ସୃଷ୍ଟି କରନ୍ତୁ ଏବଂ ଶିକ୍ଷାର୍ଥୀମାନେ କ'ଣ ଶିଖିଲେ ଓ ଶିକ୍ଷଣକୁ କିପରି ଆଗକୁ ନିଆଯାଇ ପାରିବ ତାହା ପ୍ରକୃତରେ ଆପଣ ଜାଣିପାରିବେ। ଯଦି ଭୁଲ ଉତ୍ତର ପାଇଁ ଅପମାନିତ ବା ଦଣ୍ଡିତ ହୁଅନ୍ତି ତେବେ ଶିକ୍ଷାର୍ଥୀମାନେ ସେହି ଭୟରେ ଉତ୍ତର ଦେବା ପାଇଁ ଚେଷ୍ଟା କରିବା ବନ୍ଦ କରିଦେବେ।

## ଉତ୍ତରଗୁଡ଼ିକର ଗୁଣାତ୍ମକ ମାନ ବୃଦ୍ଧି କରିବା

ଠିକ୍ ଉତ୍ତର ସହ ପ୍ରଶ୍ନ ପଚାରିବା ସମାପ୍ତ ନ କରି ଆପଣ କ୍ରମାଗତ ଭାବରେ ପ୍ରଶ୍ନ ପଚାରିବା ପାଇଁ ଚେଷ୍ଟା କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପରବର୍ତ୍ତୀ ପ୍ରଶ୍ନ ପଚାରି ଠିକ୍ ଉତ୍ତରକୁ ସମ୍ମାନ ଦେଖାଇବା ଉଚିତ ଯାହା ଜ୍ଞାନକୁ ପ୍ରସାରିତ କରେ ଏବଂ ଶିକ୍ଷକଙ୍କ ସହିତ ଏକାଠି ମିଶି କାମ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦେଇଥାଏ। ଆପଣ ନିମ୍ନଲିଖିତ ମତେ ପଚାରି ଏହି କାର୍ଯ୍ୟ କରିପାରିବେ:

- କିପରି ବା କାହିଁକି

- ଅନ୍ୟ ଉପାୟରେ ଉତ୍ତର ଦେବା
- ଏକ ଅପେକ୍ଷାକୃତ ଭଲ ଶବ୍ଦ
- ଉତ୍ତରର ଯଥାର୍ଥତା ପ୍ରତିପାଦନ ପାଇଁ ପ୍ରମାଣ
- ସମ୍ପର୍କିତ କୌଶଳଗୁଡ଼ିକୁ ସମନ୍ୱିତ କରିବା
- ସମାନ କୌଶଳକୁ କିମ୍ବା ଯୁକ୍ତିକୁ ନୂତନ ପରିସ୍ଥିତିରେ ପ୍ରୟୋଗ କରିବା

ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଉତ୍ତର ବିଷୟରେ ଗଭୀର ଭାବରେ ଚିନ୍ତା କରିବା ପାଇଁ ସାହାଯ୍ୟ କରିବା (ଅର୍ଥାତ୍ ସେମାନଙ୍କର ଉତ୍ତରର ଗୁଣାତ୍ମକମାନ ବୃଦ୍ଧି କରିବା) ଆପଣଙ୍କର ମୁଖ୍ୟ ଭୂମିକା ଅଟେ। ଶିକ୍ଷାର୍ଥୀମାନଙ୍କର ଉପଲବ୍ଧି ବଢାଇବା ପାଇଁ ଆପଣଙ୍କୁ ନିମ୍ନଲିଖିତ କୌଶଳଗୁଡ଼ିକ ସାହାଯ୍ୟ କରିବ:

- **ସହାୟକ ସୂଚନା:** ଯୋଗାଇବା ଏହା ଦ୍ୱାରା ଉପଯୁକ୍ତ ଆଭାସ (hint) ଦିଆଯାଇଥାଏ-ଯାହା ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଉତ୍ତରକୁ ସୁଧାରିବା ଓ ଉନ୍ନତ କରିବାରେ ସାହାଯ୍ୟ କରେ । ଆପଣ ପ୍ରଥମେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଉତ୍ତରରେ କ'ଣ ଠିକ୍ ଅଛି ପଚାରିପାରନ୍ତି ଏବଂ ପରେ କିଛି ସୂଚନା ବା ପରବର୍ତ୍ତୀ ପ୍ରଶ୍ନ ବା ଅନ୍ୟାନ୍ୟ ସୂତ୍ର କହିପାରନ୍ତି। (ଯଦି ତୁମର କାଗଜ ତିଆରି ଉଡାଜାହାଜର ଶେଷ ଅଂଶରେ ଗୋଟିଏ ଓଜନିଆ ଜିନିଷ ଲଗାଇଦେବ ତେବେ କ'ଣ ହେବ ?)
- **ଅଧିକ ଅନୁସନ୍ଧାନ କରିବା ହେଉଛି ଅଧିକ ଖୋଜିବା ପାଇଁ ଚେଷ୍ଟା କରିବା,** ଶିକ୍ଷାର୍ଥୀମାନଙ୍କର ଅସଂଗଠିତ ଉତ୍ତର ବା ଆଂଶିକ ଭାବରେ ଠିକ୍ ହୋଇଥିବା ଉତ୍ତର ଯାହା ସେମାନେ କହିବାକୁ ଚେଷ୍ଟା କରୁଛନ୍ତି ତାକୁ ସଜାଡିବାରେ ସେମାନଙ୍କୁ ସାହାଯ୍ୟ କରିବା (ଏଗୁଡିକ କିପରି ଏକାଠି ସଂଯୁକ୍ତ ହୋଇ ରହିବେ ଏ ବିଷୟରେ ତୁମେ ମୋତେ ଆଉ ଅଧିକ କ'ଣ କହିପାରିବ ?)
- **ପୁନଃ କେନ୍ଦ୍ରୀକରଣ ହେଉଛି** ଶିକ୍ଷାର୍ଥୀମାନଙ୍କର ପୂର୍ବଜ୍ଞାନକୁ  ନୂତନ ଜ୍ଞାନ ସହ ଯୋଡି ଠିକ୍ ଉତ୍ତର ନିର୍ଣ୍ଣୟ କରିବା। ଏହା ସେମାନଙ୍କ ବୋଧଗମ୍ୟତାକୁ ବଢାଇଥାଏ। (ତୁମେ ଯାହା କହିଛ ତାହା ଠିକ୍, କିନ୍ତୁ ପୂର୍ବ ସପ୍ତାହରେ ପଢିଥିବା ଆମ ଆଞ୍ଚଳିକ ପରିବେଶ ପ୍ରସଙ୍ଗ ସହ ଏହା କିପରି ସମ୍ପର୍କିତ ?)
- **ପ୍ରଶ୍ନକୁ କ୍ରମରେ ସଜ୍ଜୀକରଣ କରିବା ଅର୍ଥ** ଚିନ୍ତନକୁ ପ୍ରସାରିତ କରିବା ପାଇଁ କ୍ରମରେ ସଜାଇ ପ୍ରଶ୍ନ ପଚାରିବା। ପ୍ରଶ୍ନଗୁଡିକ ଶିକ୍ଷାର୍ଥୀମାନଙ୍କୁ ସାରାଂଶ ନିର୍ଣ୍ଣୟ କରିବାରେ, ତୁଳନା କରିବାରେ, ବର୍ଣ୍ଣନା କରିବାରେ ଓ ବିଶ୍ଳେଷଣ କରିବାରେ ସାହାଯ୍ୟ କରିବା ଉଚିତ୍। ପ୍ରଶ୍ନଗୁଡିକ ଏପରି ପ୍ରସ୍ତୁତ କରନ୍ତୁ ଯେପରି ତାହା ଶିକ୍ଷାର୍ଥୀମାନଙ୍କ ପାଇଁ ଅଧିକ ଆହ୍ୱାନମୂଳକ ନ ହେଉ ଯାହା ଫଳରେ ସେମାନେ ତା'ର ଅର୍ଥ ବୁଝି ପାରିବେ ନାହିଁ (ତୁମେ ତୁମର ପୂର୍ବ ସମସ୍ୟାକୁ କିପରି ସମାଧାନ କରିଛ ବର୍ଣ୍ଣନା କର। ତାହା କିପରି ଅଲଗା ? ତୁମେ ପରବର୍ତ୍ତୀ ସମସ୍ୟାର ସାମ୍ନା କରିବା ପାଇଁ କ'ଣ କରିବା ଆବଶ୍ୟକ ବୋଲି ଭାବୁଛ ?)
- **ଶୁଣିବା** ଦ୍ୱାରା ଆପଣ ଆଶାକୃତ ଉତ୍ତର ପାଇବା ସହ ଆଶା କରିନଥିବା ଆସାଧାରଣ ବା ନୂତନ ଉତ୍ତର ପାଇପାରିବେ। ଏଥିରୁ ଆପଣ ଶିକ୍ଷାର୍ଥୀମାନଙ୍କର ଚିନ୍ତନକୁ ଗୁରୁତ୍ୱ ଦେଉଛନ୍ତି ବୋଲି ଜଣା ପଡିବ ଫଳରେ ଶିକ୍ଷାର୍ଥୀମାନେ ମଧ୍ୟ ଉତ୍ତର ଗୁଡିକୁ ଚିନ୍ତା କରି ଦେବା ପାଇଁ ଚେଷ୍ଟା କରିବେ। ଏହି ଉତ୍ତରଗୁଡିକ ଭ୍ରାନ୍ତ ଧାରଣାକୁ ପ୍ରମୁଖ ଭାବେ ଦର୍ଶାଇ ପାରିବ ଯାହା ସଂଶୋଧନ ଆବଶ୍ୟକ କରେ ବା ଆପଣ ଭାବି ନଥିବା ନୂତନ ପନ୍ଥା ଦେଖାଇପାରେ ("ମୁଁ ତାହା ଭାବି ନଥିଲି। ତୁମେ କାହିଁକି ସେହି ବାଟରେ ଚିନ୍ତା କଲ ମୋତେ ସେ ବିଷୟରେ ଅଧିକ କୁହ")।

ଜଣେ ଶିକ୍ଷକ ଭାବେ, ଆପଣ ଯଦି ଆପଣଙ୍କ ଶିକ୍ଷାର୍ଥୀଙ୍କଠାରୁ କୌତୁହଳପୂର୍ଣ୍ଣ ଓ ଆବିଷ୍କାର ମୂଳକ ଉତ୍ତର ଚାହୁଁଛନ୍ତି ତେବେ ସେମାନଙ୍କୁ ଆହ୍ୱାନମୂଳକ ଓ ପ୍ରେରଣାଦାୟୀ ପ୍ରଶ୍ନ ପଚାରିବା ଆବଶ୍ୟକ। ସେମାନଙ୍କୁ ଚିନ୍ତା କରିବାକୁ ସମୟ ଦେବା ଆବଶ୍ୟକ ଏବଂ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ସେମାନେ କେତେ ଅଧିକ ଜାଣିଛନ୍ତି ଏବଂ ତାଙ୍କ ଶିକ୍ଷଣ ଅଗ୍ରଗତିରେ ଆପଣ କିପରି ଭଲଭାବରେ ସାହାଯ୍ୟ କରିପାରିବେ ତାହା ମଧ୍ୟ ଜାଣିପାରିବେ।

ମନେରଖନ୍ତୁ ଯେ ପ୍ରଶ୍ନ ପଚାରିବାର ଅର୍ଥ ନୁହେଁ ଶିକ୍ଷକ କ'ଣ ଜାଣିଛନ୍ତି ବରଂ ଶିକ୍ଷାର୍ଥୀମାନେ କ'ଣ ଜାଣିଛନ୍ତି ଏହା ଜଣାଇଥାଏ। ଏହା ଆପଣଙ୍କର ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ - ଆପଣ ଆପଣଙ୍କ ପ୍ରଶ୍ନର ଉତ୍ତର ଦେବା ଉଚିତ ନୁହେଁ। ଯଦି ଶିକ୍ଷାର୍ଥୀମାନେ ଜାଣିବେ ଅଳ୍ପ କେତେ ସମୟର ନୀରବତା ପରେ ଆପଣ ସେମାନଙ୍କ ପ୍ରଶ୍ନର ଉତ୍ତର ଦେବେ ସେମାନେ ଉତ୍ତର ଦେବା ପାଇଁ କି ପ୍ରୋତ୍ସାହନ ପାଇବେ ?

## ସମ୍ବଳ-2: ପ୍ରଶ୍ନ ପଚାରିବାର କୌଶଳ

ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବା ଓ ସେମାନଙ୍କ ଉତ୍ତରକୁ ଗ୍ରହଣ କରିବା ପାଇଁ ଏଠାରେ କେତେକ କୌଶଳ ଦିଆଯାଇଛି ଯାହା ଆପଣ ଶ୍ରେଣୀରେ ବ୍ୟବହାର କରିପାରିବେ।

### ସ୍ୱେଚ୍ଛାସେବୀଙ୍କ ଉତ୍ତର

ଉତ୍ତର କହିବା ପାଇଁ ଇଚ୍ଛା କରୁଥିବା ଶିକ୍ଷାର୍ଥୀମାନଙ୍କୁ ହାତ ଟେକିବା ପାଇଁ ଆମନ୍ତ୍ରଣ କରାଯିବ। ସାଧାରଣତଃ ଚିନ୍ତା କରିବାକୁ ସମୟ ବହୁତ କମ୍ ଦିଆଯାଇଥାଏ, ଯଦି ହାତ ଟେକିବା ପରିବର୍ତ୍ତେ ଶିକ୍ଷାର୍ଥୀମାନେ ସିଧାସଳଖ ଉତ୍ତର ଦେବା ଆରମ୍ଭ କରିବେ ତେବେ ଅନ୍ୟ ଶିକ୍ଷାର୍ଥୀଙ୍କ ପାଇଁ ଚିନ୍ତା କରିବାର ସମୟ ଆହୁରି କମିଯିବ। ଏହି ପଦ୍ଧତିରେ ଅଳ୍ପ କେତେକ ଶିକ୍ଷାର୍ଥୀ ଅଂଶଗ୍ରହଣ କରିବେ - ସବୁବେଳେ ସେହି ଶିକ୍ଷାର୍ଥୀ ଉତ୍ତର ଦେବାକୁ ଇଚ୍ଛା କରନ୍ତି। ଯଦି ହାତ ନ ଟେକିବେ ତେବେ ସେମାନଙ୍କୁ ପ୍ରଶ୍ନ ପଚରାଯିବ ନାହିଁ ବୋଲି ସେମାନେ ଜାଣିବେ। ଗୋଟିଏ କାରଣରୁ ଶିକ୍ଷକ ଏହି ପଦ୍ଧତିକୁ ଭଲ ପାଆନ୍ତି ତାହା ହେଉଛି ଶିକ୍ଷାର୍ଥୀମାନଙ୍କୁ ଏହା ଚାପଗ୍ରସ୍ତ କରେ ନାହିଁ। କେବଳ ଯେଉଁମାନେ ଚାହାଁନ୍ତି ସେମାନେ ଉତ୍ତର ଦିଅନ୍ତି।

ଯଦି ଏହି ପଦ୍ଧତିରେ ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ ବ୍ୟବହୃତ ହୁଏ ତେବେ ବାର୍ତ୍ତାଳାପ ଓ ପ୍ରତିପୃଷ୍ଟି ବ୍ୟବସ୍ଥା ପାଇଁ ସୀମିତ ସୁଯୋଗ ମିଳେ କାରଣ ଯେଉଁମାନେ ସ୍ୱ-ଇଚ୍ଛାରେ ଉତ୍ତର ଦିଅନ୍ତି ସେମାନେ ସଠିକ୍ ଉତ୍ତର ଜାଣିଛନ୍ତି ବୋଲି ଧରାଯାଏ।

### ଏକ ମନୋନୀତ ବ୍ୟକ୍ତିର ଉତ୍ତର

କୌଣସି ପ୍ରଶ୍ନର ଉତ୍ତର କହିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷକ ମନୋନୀତ କରିଥାନ୍ତି। ଏହି ପଦ୍ଧତିର ଉପଯୋଗୀତା ହେଉଛି- ଚିନ୍ତନ ପାଇଁ ଅଧିକ ସମୟ ମିଳେ। ଶିକ୍ଷକ ପ୍ରଶ୍ନ ପଚାରନ୍ତି ଏବଂ ଶିକ୍ଷାର୍ଥୀମାନଙ୍କୁ ଚିନ୍ତା କରିବାକୁ ସୁଯୋଗ ଦେବା ପାଇଁ ଟିକେ ସମୟ ଅପେକ୍ଷା କରନ୍ତି। ପ୍ରଶ୍ନର ଉତ୍ତର ଦେବାପାଇଁ ସେ ଯେ କୌଣସି ଶିକ୍ଷାର୍ଥୀଙ୍କୁ ମନୋନୀତ କରନ୍ତି। ଯେହେତୁ ଶିକ୍ଷକ ପ୍ରାୟତଃ ଅନିଚ୍ଛୁକ ଶିକ୍ଷାର୍ଥୀଙ୍କୁ ଶିକ୍ଷକ ବାଛନ୍ତି ଯେଉଁମାନେ ଉତ୍ତଦେବାକୁ କୁଣ୍ଠାବୋଧ କରିଥାନ୍ତ, ତେଣୁ ଏହି ପଦ୍ଧତିରେ ଅଧିକ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥାନ୍ତି। ବେଳେବେଳେ ଏହାଦ୍ୱାରା ଶିକ୍ଷାର୍ଥୀମାନେ ଅସ୍ୱସ୍ତି ଅନୁଭବ କରନ୍ତି ଏବଂ ଏ କୌଶଳରେ ଅସ୍ୱସ୍ତିବୋଧ କରୁଥିବା ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବା ପାଇଁ ଶିକ୍ଷକ ପ୍ରଶ୍ନର ଆହ୍ୱାନକୁ ସୀମିତ କରିବାକୁ ପ୍ରଲୋଚିତ ହୁଅନ୍ତି।

### ଅନ୍ୟ ଜଣଙ୍କ ପାଖକୁ ଫେରିବା

ଯେତେବେଳେ ଜଣେ ଶିକ୍ଷାର୍ଥୀ ଗୋଟିଏ ପ୍ରଶ୍ନର ଉତ୍ତର ଦିଏ, ଏହା ଠିକ୍ ବା ଭୁଲ୍ କହିବା ପରିବର୍ତ୍ତେ ଶିକ୍ଷକ ଅନ୍ୟଜଣଙ୍କୁ ଏହାର ଉତ୍ତର କ'ଣ ହେବ ପଚାରନ୍ତି। ଉଦାହରଣ ସ୍ୱରୂପ, ସଞ୍ଜୟ ତୁମେ କ'ଣ ଭାବୁଛ ? ଦିଶା ତୁମେ ଅଧିକ କିଛି ଯୋଡିବ କି ?

ଏହା ଶିକ୍ଷାର୍ଥୀମାନଙ୍କର ଅଂଶଗ୍ରହଣକୁ ବଢାଇଥାଏ ଏବଂ ସମ୍ଭାବ୍ୟ ଉତ୍ତର ଚିନ୍ତା କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଅଧିକ ସୁଯୋଗ ଦେଇଥାଏ। ଶ୍ରେଣୀରେ ବାର୍ତ୍ତାଳାପ ପରିମାଣକୁ ଏହା ବଢାଇଥାଏ ଏବଂ ଶିକ୍ଷକଙ୍କୁ ଅଧିକ ଜଟିଳ ପଶ୍ନ ବା ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ ପଚାରିବା ପାଇଁ ସୁଯୋଗ ଦେଇଥାଏ। ପ୍ରଶ୍ନଟି ଯେଉଁ ଶିକ୍ଷାର୍ଥୀଙ୍କ ପାଖକୁ ଫେରିଆସେ ସେ ସ୍ୱ-ଇଚ୍ଛାରେ ଉତ୍ତରଦେବା ବ୍ୟକ୍ତି ବା ମନୋନୀତ ବ୍ୟକ୍ତି ହୋଇପାରେ।

## ଦଳ / ଯୋଡି

ଶିକ୍ଷାର୍ଥୀମାନେ ଦଳଗତ ଭାବରେ ବା ଯୋଡିରେ ଏକାଠି ହୋଇ ପ୍ରଶ୍ନଗୁଡିକର ଉତ୍ତର କରନ୍ତୁ। ଶିକ୍ଷାର୍ଥୀମାନେ ଛୋଟ ଛୋଟ ଦଳରେ ବା ଯୋଡି ଭାବରେ ଗୋଟିଏ ଗୋଟିଏ ଚିନ୍ତାମୂଳକ ପ୍ରଶ୍ନର ଉତ୍ତର କରିଥାନ୍ତି ବା ଛୋଟ ଛୋଟ କାର୍ଯ୍ୟକୁ ସଂପୂର୍ଣ୍ଣ କରିଥାନ୍ତି। ଏହାପରେ ଶିକ୍ଷକ ପ୍ରତିଦଳରୁ ସ୍ୱ-ଇଚ୍ଛାରେ କହିବାକୁ ଚାହୁଁଥିବା ଶିକ୍ଷାର୍ଥୀଙ୍କୁ ଉତ୍ତର ଦେବାକୁ ଅନୁମତି ଦେଇ ଗୋଟିଏ ପରେ ଗୋଟିଏ ଦଳକୁ ଉତ୍ତରର କିଛି କିଛି ଅଂଶ ଉପସ୍ଥାପନ କରିବାକୁ କହିପାରିବେ। ଉଦାହରଣ ସ୍ୱରୂପ - କେଉଁ କେଉଁ କାରଣରୁ ରୋଗ ହୋଇଥାଏ ? ତୁମେମାନେ ରୋଗ ହେବାର ଗୋଟିଏ କାରଣ କହିପାରିବ କି ? ଏହାପରେ ଶିକ୍ଷକ ଅନ୍ୟଦଳକୁ ଆଉ ଗୋଟିଏ କାରଣ ପଚାରି ପାରନ୍ତି।

ଅନ୍ୟ ପ୍ରକାରରେ, ଶିକ୍ଷକ ଯେ କୌଣସି ଶିକ୍ଷାର୍ଥୀଙ୍କୁ ଆଲୋଚନା ପୂର୍ବରୁ ମନୋନୀତ କରିପାରନ୍ତି। ସେହି ମନୋନୀତ ଶିକ୍ଷାର୍ଥୀ ତାଙ୍କ ଦଳ ପକ୍ଷରୁ ଉତ୍ତର ଦିଏ। ଦଳର ଅନ୍ୟ ଶିକ୍ଷାର୍ଥୀଙ୍କ ସହ ଶିକ୍ଷାର୍ଥୀମାନେ କଥାବାର୍ତ୍ତା କରିବା ପାଇଁ ସୁଯୋଗ ଥାଏ ତେଣୁ ସେମାନେ ନିର୍ଭୟରେ ଉତ୍ତର ଦେଇଥାନ୍ତି।

ଏହି ପଦ୍ଧତି ଅଧିକାଂଶ ଶିକ୍ଷାର୍ଥୀଙ୍କ ଅଂଶ ଗ୍ରହଣକୁ ନିଶ୍ଚିତ କରେ। ଏହା ଶିକ୍ଷାର୍ଥୀମାନଙ୍କୁ ଆହ୍ୱାନ ମୂଳକ ପ୍ରଶ୍ନ ପଚାରିବାରେ ସମର୍ଥ କରାଏ ଓ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଚିନ୍ତା କରିବାକୁ ଅଧିକ ସମୟ ଦିଅନ୍ତି। ଅଧିକ ଆହ୍ୱାନମୂଳକ ପ୍ରଶ୍ନ ଅଧିକ ଆଲୋଚନା ଓ ପ୍ରତିପୁଷ୍ଟି ପ୍ରଦାନର ସୁଯୋଗ ସୃଷ୍ଟି କରିଥାଏ।

## ଅଧିକ ଆଲୋଚନା ପାଇଁ ଉତ୍ସାହିତ କରିବା:

ଶିକ୍ଷାର୍ଥୀମାନେ ଦଳରେ ଚିନ୍ତାମୂଳକ ପ୍ରଶ୍ନର ଉତ୍ତର ଆଲୋଚନା କରନ୍ତି ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀ ଅନ୍ୟମାନଙ୍କର ଉତ୍ତରକୁ ମୂଲ୍ୟାୟନ କରନ୍ତି। ଉଦାହରଣ ସ୍ୱରୂପ ବିଭିନ୍ନ ପ୍ରକାର ବ୍ୟାଖ୍ୟାମୂଳକ ପ୍ରଶ୍ନ ବା ଅଧିକ ସମ୍ଭାବ୍ୟ ଉତ୍ତର ଥିବା ପ୍ରଶ୍ନ ଶିକ୍ଷକ ପଚାରି ପାରନ୍ତି (ଆମେ ରୋଗକୁ କିପରି ପ୍ରତିରୋଧ କରିପାରିବା ?)। ପ୍ରତି ଦଳର କାର୍ଯ୍ୟ ଶିକ୍ଷକ ତଦାରଖ କରିବେ- (ଦଳର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଖରେ କିଛି ଉତ୍ତର ଅଛି କି ? ତୁମେ ଆଉ ଅଧିକ ସମୟ ଆବଶ୍ୟକ କରୁଛ କି ?) ଏହାପରେ ସେମାନେ ତାଙ୍କ ମଧ୍ୟରୁ ଜଣଙ୍କୁ ଦଳର ଉତ୍ତର କହିବା ପାଇଁ ବାଛନ୍ତି। ଶିକ୍ଷକ ଏହି ଉତ୍ତର ଗୁଡିକୁ ମୂଲ୍ୟାୟନ ନ କରି ଲିପିବଦ୍ଧ କରନ୍ତି ତାପରେ ଅନ୍ୟଦଳକୁ ଉତ୍ତର ପଚାରନ୍ତି। ଯେତେବେଳେ ଶିକ୍ଷକ ଗୋଟିଏ ପ୍ରଶ୍ନର ଏକାଧିକ ଉତ୍ତର ପାଇଯାଆନ୍ତି ସେ ଗୋଟିଏ ଦଳକୁ ସେହି ଉତ୍ତର ଗୁଡିକ ଉପରେ ନିଜର ମତାମତ ଦେବାକୁ କହନ୍ତି। (ତୁମେମାନେ ଏହି ଉତ୍ତରଗୁଡିକ ସହ ଏକମତ କି ? ଯଦି ନା ତେବେ କାହିଁକି ?) ବା ସେହି ପ୍ରଶ୍ନର ଗୋଟିଏ ସମ୍ପର୍କିତ ପ୍ରଶ୍ନ ପଚାରିଥାନ୍ତି। (ଏହା ମଧ୍ୟରୁ କେଉଁ ପଦ୍ଧତିଟି ଅଧିକ ଫଳପ୍ରଦ ବା ସହଜରେ କାର୍ଯ୍ୟକାରୀ ହୋଇପାରିବ ?)

ଏହି ପଦ୍ଧତିଟି ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ଅଧିକରୁ ଅଧିକ ଅଂଶଗ୍ରହଣ ପାଇଁ ଓ ତାଙ୍କ ଉତ୍ତର ବିଷୟରେ ଅଧିକ ସମୟ ଚିନ୍ତା କରିବା ପାଇଁ ସୁଯୋଗ ଦେଇଥାଏ। ଏହା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବାର୍ତ୍ତାଳାପକୁ ଉତ୍ସାହିତ କରେ ଏବଂ ଯଦି ପ୍ରଶ୍ନଟି ଅଧିକ ଆହ୍ୱାନମୂଳକ ହୋଇଥାଏ ତେବେ ଏହା ଏକ ଭୟମୁକ୍ତ ପରିବେଶରେ ଉଚ୍ଚସ୍ତରର ଚିନ୍ତନ ପାଇଁ ସୁଯୋଗ ଦେଇଥାଏ। ଯେଉଁ ଶିକ୍ଷାର୍ଥୀ ଏହି କାର୍ଯ୍ୟକୁ କଷ୍ଟକର ବୋଲି ଭାବିଥାନ୍ତି ସେମାନଙ୍କ ନାମ ପ୍ରଘଟ ନ କରି ସେହି ଧାରଣା ଉପରେ ଚିନ୍ତା କରିବା ପାଇଁ ଉତ୍ସାହିତ କରିଥାଆନ୍ତି।

## ଯୋଡି କାର୍ଯ୍ୟ ସଂଶୋଧନ

ଶିକ୍ଷକ ଗୋଟିଏ ପ୍ରଶ୍ନ ପଚାରନ୍ତି ଏବଂ ଶିକ୍ଷାର୍ଥୀମାନଙ୍କୁ ନିଜେ ନିଜେ ଚିନ୍ତା କରି ଉତ୍ତର କହିବାକୁ ସମୟ ଦିଅନ୍ତି। ଯୋଡିରେ ଜଣେ ଅନ୍ୟ ଜଣଙ୍କର ଉତ୍ତର ସହିତ ନିଜ ଉତ୍ତରକୁ ତୁଳନା କରନ୍ତି ଏବଂ ପରସ୍ପରକୁ ପ୍ରତିପୃଷ୍ଟି ଦିଅନ୍ତି। ସେମାନେ ଉତ୍ତରର ଠିକ୍ ଅଂଶଟିକୁ ପ୍ରଶଂସା କରନ୍ତି ଓ ଆବଶ୍ୟକ ସ୍ଥଳେ ସଂଶୋଧନ କରି ଅଧିକ ଭଲ କରିବାକୁ ମତାମତ ଦିଅନ୍ତି। ଏହାପରେ ଶିକ୍ଷକ ନିଜେ ଠିକ୍ ଉତ୍ତର କହିଥାନ୍ତି ବା ଗୋଟିଏ ଯୋଡିକୁ ଠିକ୍ ଉତ୍ତର କହିବା ପାଇଁ ମନୋନୀତ କରିଥାନ୍ତି। ପ୍ରତ୍ୟେକ ଶିକ୍ଷାର୍ଥୀ ପ୍ରଶ୍ନର ଉତ୍ତର ଚିନ୍ତା କରିବାକୁ

ବାଧ୍ୟ ହୁଅନ୍ତି। ଏପରି କ୍ଷେତ୍ରରେ ଚିନ୍ତା ଓ ଆଲୋଚନା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥାଏ। ପୁନଶ୍ଚ ଆହ୍ୱାନମୂଳକ ପ୍ରଶ୍ନର ବ୍ୟବହାର ପାଇଁ ଏହା ଏକ ଉତ୍ତମ ପଦ୍ଧତି ଅଟେ। (ଉତ୍ସ: Petty, 2009)

### ସମ୍ବଳ-3: ଭାରତରେ ରୋଗ ଓ ମୃତ୍ୟୁ :

ଏହି ତଥ୍ୟଟି ଇଣ୍ଟରନେଟରୁ ମିଳିପାରିବ।

| ରାଜ୍ୟ | ପାଞ୍ଚମାସ ଧରି କେବଳ ମା କ୍ଷୀର ଖାଇଥିବା ଶିଶୁଙ୍କ ସଂଖ୍ୟା (ଶତକଡ଼ାରେ) | ପ୍ରତିଷେଧକ ଟୀକା ନେଇଥିବା ପାଞ୍ଚ ବର୍ଷରୁ କମ୍ ଶିଶୁଙ୍କ ସଂଖ୍ୟା (ଶତକଡ଼ାରେ) | ଅତିକମ୍ ଓଜନ ବିଶିଷ୍ଟ ୩ ବର୍ଷରୁ କମ୍ ଶିଶୁଙ୍କ ସଂଖ୍ୟା (ଶତକଡ଼ାରେ) |
|---|---|---|---|
| ଉତ୍ତର ପ୍ରଦେଶ | 51 | 23 | 47 |
| ବିହାର | 28 | 33 | 58 |
| ମଧ୍ୟପ୍ରଦେଶ | 22 | 40 | 60 |
| ପଶ୍ଚିମବଙ୍ଗ | 59 | 64 | 44 |
| ଓଡ଼ିଶା | 50 | 52 | 44 |
| ଆସାମ | 63 | 31 | 40 |
| କର୍ଣ୍ଣାଟକ | 58 | 55 | 41 |

ଆପଣଙ୍କ ପାଖରେ ଯଦି ଇଣ୍ଟରନେଟର ସୁବିଧା ଅଛି, ଶିକ୍ଷାର୍ଥୀମାନଙ୍କ ପ୍ରଶ୍ନ ପଚାରିବା ପାଇଁ ଅନ୍ୟ ପ୍ରସଙ୍ଗରୁ ତଥ୍ୟ ମଧ୍ୟ ଦେଇପାରିବେ।

## Additional resources

- Exam questions for Class IX: http://cbse-notes.blogspot.co.uk/2012/10/cbse-class-9-science-ch-13-why-do-we.html (accessed 20 May 2014)
- A PowerPoint presentation covering the key points: http://www.slideshare.net/MADHUPARNABHOWMIK/why-do-we-fall-ill-29421845 (accessed 20 May 2014)
- A video on 'Why do we fall ill?': https://www.youtube.com/watch?v=_B6lDPNtZs4 (accessed 20 May 2014)
- A video discussing the difference between fungi, bacteria and viruses: https://www.youtube.com/ watch?v=dWAdY57SQHs (accessed 20 May 2014)
- An activity to raise awareness of the effect of smoking: http://www.raftbayarea.org/ideas/Catching%20Your%20Breath.pdf (accessed 20 May 2014)

## References/bibliography

Amos, S. (2002) 'Teachers' questions in the science classroom', in Amos, S. and Boohan, R. (eds) *Aspects of Teaching Secondary Science*. London, UK: RoutledgeFalmer.

Clarke, S. (2005) *Formative Assessment in the Secondary Classroom*. Oxford, UK: Hodder Murray.

DfES (2004a) *Pedagogy and Practice: Teaching and Learning in Secondary Schools*. Unit 7: Questioning. Norwich, UK: HMSO.

DfES (2004b) *Strengthening Teaching and Learning in Science through Using Different Pedagogies. Unit 2*: Active Questioning. Norwich, UK: HMSO.

Hastings, S. (2003) 'Questioning', *TES Newspaper*, 4 July. Available from: http://www.tes.co.uk/article.aspx?storycode=381755 (accessed 22 September 2014).

Hattie, J. (2012) *Visible Learning for Teachers: Maximising the Impact on Learning*. Abingdon: Routledge.

Petty, G. (2009) *Evidence-based Teaching*. Cheltenham, UK: Nelson Thornes.

## Acknowledgements

This content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/), unless identified otherwise. The licence excludes the use of the TESS-India, OU and UKAID logos, which may only be used unadapted within the TESS-India project.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.